ଆଜି - ବୁଧବାର
ତାରିଖ - ୨୭ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୧୦
ତିଥି - ତ୍ରୟୋଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଶ୍ରବଣା, ମକର ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୩ : ୦୦
ସୂର୍ଯ୍ୟାସ୍ତ - ୬ : ୦୪ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com


"ସମ୍ପୃକ୍ତି ବିନା ସଫଳତା ମିଳେନାହିଁ । କୌଣସି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ବିଫଳ ହେବାର ସମ୍ଭାବନା କ୍ଷୀଣ ।"

– ଡ. ଏପିଜେ ଅବ୍ଦୁଲ୍ କଲାମ୍


Vol.- 41 ISSUE- 133 R.N.I. REGD. No. 44026/86 ବାଲେଶ୍ୱର ୨୬ ଅଗଷ୍ଟ ୨୦୨୬ ବୁଧବାର BALASORE 26 AUGUST 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଇଦ୍-ଏ-ମିଲାଦ-ଉନ୍-ନବିର ପୂର୍ବ ସନ୍ଧ୍ୟାରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଇଦ୍-ଏ-ମିଲାଦ-ଉନ୍-ନବିର ପୂର୍ବ ସନ୍ଧ୍ୟାରେ ତାଙ୍କର ବାର୍ତାରେ କହିଛନ୍ତି: - 'ଇଦ୍-ଏ-ମିଲାଦ-ଉନ୍-ନବିର ପବିତ୍ର ଅବସରରେ, ମୁଁ ଭାରତ ଏବଂ ବିଦେଶରେ ରହୁଥିବା ସମସ୍ତ ସହ-ନାଗରିକଙ୍କୁ, ବିଶେଷକରି ମୁସଲମାନ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛି । ଇଦ-ଏ-ମିଲାଦ-ଉନ୍-ନବିର ପର୍ବ ହେଉଛି ପ୍ରଫେଟ ମହମ୍ମଦଙ୍କ ଉପଦେଶକୁ ମନେ ପକାଇବାର ଏକ ଅବସର । ତାଙ୍କ ଶିକ୍ଷା ଆମକୁ ଧାର୍ମିକ ଆଚରଣ ଏବଂ କର୍ତବ୍ୟପରାୟଣତାର ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ । ପ୍ରଫେଟ ମହମ୍ମଦଙ୍କ ମହାନ ଆଦର୍ଶ ଆମକୁ ଏକ ଅନ୍ତର୍ଭୁକ୍ତ ଏବଂ ବିକଶିତ ଭାରତ ଗଠନ ଦିଗରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ପ୍ରେରଣା ଦେଉ ।

## ୟୁପିଆଇର ପରିବର୍ତନକାରୀ ଯାତ୍ରା ସମ୍ପର୍କରେ ନାଗରିକମାନଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦଶ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ୟୁନିଫାଏଡ୍ ପେମେଂଟ୍ସ ଇଂଟରଫେସ୍ (ୟୁପିଆଇ)ର ପରିବର୍ତନକାରୀ ଯାତ୍ରାକୁ ମନେ ପକାଇଛନ୍ତି । ୟୁପିଆଇ ଭାରତର ଡିଜିଟାଲ୍ ପେମେଂଟ୍ ଇକୋସିଷ୍ଟମକୁ ଉଲ୍ଲେଖନୀୟ ଭାବରେ ପରିବର୍ତନ କରିଛି, ଦେଶରେ ଦ୍ରୁତ, ସରଳ, ସୁରକ୍ଷିତ ଏବଂ ସୁବିଧାଜନକ ଡିଜିଟାଲ୍ କାରବାରକୁ ଏକ ନୂତନ ପ୍ରେରଣା ପ୍ରଦାନ କରୁଛି । ଗତ ଦଶ ବର୍ଷ ମଧ୍ୟରେ, ୟୁପିଆଇ ଦେଶର ପ୍ରତ୍ୟେକ କୋଣରେ ଏହାର ପହଂଚକୁ ବିସ୍ତାର କରିଛି, ଯାହା ଡିଜିଟାଲ୍ ପେମେଂଟକୁ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ କରିଛି । ୟୁପିଆଇର ଏହି ଉଲ୍ଲେଖନୀୟ ଏବଂ ଗୌରବମୟ ଯାତ୍ରା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟ ଏହାର ସଫଳତା ଉପରେ ଗର୍ବ କରିପାରିବେ । ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ସେମାନଙ୍କର ୟୁପିଆଇ ବ୍ୟବହାର ଅଭିଜ୍ଞତା ବାଂଟିବାକୁ ଏବଂ ୟୁପିଆଇ କିପରି ସେମାନଙ୍କର ଦୈନନ୍ଦିନ ଜୀବନକୁ ସରଳ, ସୁବିଧାଜନକ ଏବଂ ସୁଗମ କରିଛି ତାହା ବ୍ୟାଖ୍ୟା କରିବାକୁ ମଧ୍ୟ



ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି: ଏକ ଦଶ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା, ୟୁନିଫାଏଡ୍ ପେମେଂଟ୍ସ ଇଂଟରଫେସ୍ (ୟୁପିଆଇ) ଭାରତର ଡିଜିଟାଲ୍ ପେମେଂଟ୍ ଯାତ୍ରାରେ ଏକ ଐତିହାସିକ ସଫଳତା । ଏହା ଦେଶରେ ଡିଜିଟାଲ୍ କାରବାରକୁ ସରଳ, ଦ୍ରୁତ, ସୁରକ୍ଷିତ ଏବଂ ସୁବିଧାଜନକ କରି ଏକ ବିପ୍ଳବ ଆଣିଛି । ପ୍ରତ୍ୟେକ ଭାରତୀୟ UPIର ବ୍ୟାପକ ପହଂଚ ଏବଂ ପ୍ରସାର ପାଇଁ ଗର୍ବିତ ହେବା ଉଚିତ । ଆପଣଙ୍କର ଟଚଓ ଅଭିଜ୍ଞତା ଏବଂ ଏହା ଆପଣଙ୍କ ଜୀବନକୁ କିପରି ପ୍ରଭାବିତ କରିଛି ସେ ବିଷୟରେ ମୋତେ କୁହନ୍ତୁ ।

## ୟୁପିଆଇର ୧୦ ବର୍ଷ ପୂର୍ତି - ଟଙ୍କା କାରବାର ହୋଇଛି ଦ୍ରୁତ, ସୁବିଧାଜନକ ଏବଂ ସମସ୍ତଙ୍କ ପାଇଁ ସୁଲଭ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ୟୁପିଆଇର ୧୦ ବର୍ଷ ପୂର୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ଟଙ୍କା କାରବାର ଦ୍ରୁତ, ସୁବିଧାଜନକ ଏବଂ ସମସ୍ତଙ୍କ ପାଇଁ ସୁବିଧାଜନକ ହୋଇପାରିଛି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ଦଶନ୍ଧି ପୂର୍ବେ ଭାରତ ଦେୟ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସରଳ କରିବାର ଲକ୍ଷ୍ୟ ନେଇ ଆଗେଇଥିଲା । ଆଜି ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ 'ୟୁପିଆଇ' ଅର୍ଥ ହେଉଛି 'ସହଜ' । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ୟୁପିଆଇ ଡିଜିଟାଲ୍ ପେମେଂଟକୁ ଦୈନନ୍ଦିନ ଜୀବନର ଏକ ସହଜ ଓ ଅବିଚ୍ଛିନ୍ନ ଅଂଶରେ ପରିଣତ କରିଛି ।



ଏହା ଦ୍ୱାରା ଟଙ୍କା କାରବାର ଦ୍ରୁତ, ସୁବିଧାଜନକ ଏବଂ ସମସ୍ତଙ୍କ ପାଇଁ ସୁଲଭ ହୋଇପାରିଛି । ଏକ ସାଧାରଣ ପେମେଂଟ ପ୍ଲାଟଫର୍ମ ଭାବେ ଆରମ୍ଭ ହୋଇଥିବା ୟୁପିଆଇ ଆଜି ଲୋକଙ୍କ ଅଂଶଗ୍ରହଣରେ ଗଢ଼ିଉଠିଥିବା ଏକ ବିଶାଳ ଡିଜିଟାଲ୍ ବିପ୍ଳବର ରୂପ ନେଇଛି । ରାସ୍ତାକଡ଼ର ଛୋଟ ଦୋକାନଠାରୁ ଆରମ୍ଭ କରି ଆଧୁନିକ ବ୍ୟବସାୟିକ ପ୍ରତିଷ୍ଠାନ ପର୍ଯ୍ୟନ୍ତ, ଗାଁଠାରୁ ସହର ପର୍ଯ୍ୟନ୍ତ— ୟୁପିଆଇ ପ୍ରତ୍ୟେକ କାରବାରକୁ ମାତ୍ର ଗୋଟିଏ ସ୍କାନ୍ ଦୂରରେ ରଖିଛି । ୟୁପିଆଇ ତାହାର ୧୦ ବର୍ଷ ପୂରଣ କରୁଥିବା ଅବସରରେ ଭାରତ ଏକ ଏପରି ଯାତ୍ରାକୁ ପାଳନ କରୁଛି, ଯେଉଁଠାରେ ପ୍ରତ୍ୟେକ ଟ୍ୟାପ୍ 'ଡିଜିଟାଲ୍ ଇଣ୍ଡିଆ'କୁ ଆହୁରି ଗତିଶୀଳ କରିଛି । ଏହା ଏକ ଅଧିକ ସଂଯୋଜିତ, ସଶକ୍ତ ଏବଂ ଆତ୍ମନିର୍ଭର ରାଷ୍ଟ୍ର ଗଠନକୁ ଆହୁରି ମଜବୁତ କରିଛି ।

## ସେପ୍ଟେମ୍ବର ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ



ଭୁବନେଶ୍ୱର : ଆସନ୍ତା ୨୨ ତାରିଖରୁ ମୌସୁମୀ ଅଧିବେଶନ । ସେପ୍ଟେମ୍ବର ୨୨ ତାରିଖରୁ ଚାଲିବ ବିଧାନସଭାର ମୌସୁମୀ ଅଧିବେଶନ । ଅକ୍ଟୋବର ୩ ତାରିଖ ଯାଏଁ ଚାଲିବ ଏହି ଅଧିବେଶନ । ଏଥର ମୌସୁମୀ ଅଧିବେଶନରେ ରହିଛି ୯ଟି କାର୍ଯ୍ୟ ଦିବସ । ଏଥି ମଧ୍ୟରୁ ଗୋଟିଏ ଦିନ ଛୁଟି ରହିଥିବା ବେଳେ ଦୁଇ ଦିନ ନୋ-ମିଟିଂ ଡେ' ରହିଛି । ଚଳିତ ଥର ମୌସୁମୀ ଅଧିବେଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ରାଜ୍ୟ ସରକାର ବିଧାନସଭାକୁ ଆଣିବେ । ଅନ୍ୟପଟେ ମୋହନ ସରକାର ଘେରିବାକୁ ବିରୋଧୀ ଦଳମାନେ ପ୍ରସ୍ତୁତ ହୋଇ ରହିଛି । ଅନ୍ୟପଟେ ଦେଖିବାକୁ ଗଲେ ଏଥର ମୌସୁମୀ ଅଧିବେଶନରେ ବିରୋଧୀ ଦଳ ତଥା ବିଜେଡି ଓ କଂଗ୍ରେସ ବନ୍ୟା, ରିଲିଫ୍ ବଂଟନ୍, ନାରୀ ସୁରକ୍ଷା, ଗଗଉଜ ବିଲ୍, ଫସଲ ନଷ୍ଟ, ସାର ସଙ୍କଟ, ଚାଷୀ ପଞ୍ଜିକରଣ, ବିମାନବନ୍ଦର ଘରୋଇକରଣ, ଦରଦାମ ବୃଦ୍ଧି, ପେଟ୍ରୋଲ- ଡିଜେଲ ଦର ବୃଦ୍ଧି, ଜେନ୍-ଜି ଆନ୍ଦୋଳନ, ଛାତ୍ର ସଂସଦ ନିର୍ବାଚନ, ସୁରକ୍ଷା ବ୍ୟବସ୍ଥା, ଡିଜିପ ଚୟନ, ମହାନଦୀ ଜଳବିବାଦ ଆଦିକୁ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି । ସେହିଭଳି ବିରୋଧୀଙ୍କୁ ଉଚିତ୍ ଜବାବ ଦେବା ପାଇଁ ସରକାର ମଧ୍ୟ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିଛନ୍ତି ।

## ଆଇଏଏସ ସ୍ତରରେ ଅଦଳବଦଳ

### ସଞ୍ଜୟ କୁମାର ବିଶ୍ୱାଳ ହେଲେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ




ଭୁବନେଶ୍ୱର : ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ । ରାଜ୍ୟ ସରକାରଙ୍କ ତରଫରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ବୀରେନ୍ଦ୍ର କୋରକୋରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଦବୀରୁ ବଦଳି ହୋଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି । ଆରାଧନା ଦାସ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ପଦବୀରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିଭଳି ଯୁଗଳକିଶୋର ଦାସ ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି । ଅର୍ଚ୍ଚନା ଦାସ ପଟ୍ଟନାୟକ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବରୁ ଆୟୁଷ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି । ଅଞ୍ଜନା ପଣ୍ଡା ଆୟୁଷ ନିର୍ଦ୍ଦେଶକ ପଦବୀରୁ ବଦଳି ହୋଇ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି । ସଞ୍ଜୟ କୁମାର ବିଶ୍ୱାଳ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଛନ୍ତି । ସୁନ୍ଦର ମାଧବ ପାତ୍ର ପୂର୍ତ ବିଭାଗର ଉପଶାସନ ସଚିବରୁ ଓଡ଼ିଶା ନୌବାଣିଜ୍ୟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି ।

## ବାଲେଶ୍ୱର ଗୌରବ ପକ୍ଷରୁ ଇଣ୍ଡିଆନ୍ ଆଇଡଲ୍-୨୦୨୬ ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ

ବାଲେଶ୍ୱର : ବାଲେଶ୍ୱର ଗୌରବ ପକ୍ଷରୁ ବାଲେଶ୍ୱରର ଝିଅ ଜ୍ୟୋତିର୍ମୟୀ ନାୟକ ଇଣ୍ଡିଆନ୍ ଆଇଡଲ୍ ର ବିଜେତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ସଂଗଠନ ପକ୍ଷରୁ ସହରର ଓଟି ରୋଡ୍ ସ୍ଥିତ ସେଲିବ୍ରେଶନ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଲେଶ୍ୱର ଗୌରବ ପରିବାର ପକ୍ଷରୁ ଜ୍ୟୋତିର୍ମୟୀ ଙ୍କୁ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ମଂଚ ନିକଟକୁ ଅଣାଯାଇଥିଲା । ପରେ ମାନ୍ୟଗଣ୍ୟ ବ୍ୟକ୍ତି ଓ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଥିଲା ଏହି ଉତ୍ସବ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଜଣେ ସଫଳ ପ୍ରତିଭାଙ୍କୁ ସମ୍ମାନିତ କରିଥିବାରୁ




ସେମାନେ ବାଲେଶ୍ୱର ଗୌରବର ସମସ୍ତ ସଦସ୍ୟ, ସଦସ୍ୟାଙ୍କୁ ସାଧୁବାଦ ଜଣାଇଥିଲେ । ସଂଗଠନ ର ସଭାପତି ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ଚେୟାରମେନ ହରେକୃଷ୍ଣ ଦାଶ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ସହ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ଜ୍ୟୋତିର୍ମୟୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେହିପରି ବିଭିନ୍ନ ସଂସ୍ଥା, ଅନୁଷ୍ଠାନ, ସାମାଜିକ ସଙ୍ଗଠନ ତରଫରୁ ମଧ୍ୟ ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସମ୍ବର୍ଦ୍ଧିତ ହେବା ପରେ ସେ ଖୁସି ବ୍ୟକ୍ତ କରିବା ସହ ନିଜ ସଫଳତାର କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ । ବାଲେଶ୍ୱର ଗୌରବର ଉତରୋତର କାମନା କରିଥିଲେ । ସଂଗଠନର ମୁଖ୍ୟ ପେଟ୍ରୋନ ରଘୁନାଥ ପ୍ରଧାନ, ଡକ୍ଟର ଉପେନ୍ଦ୍ର ନାଥ ପାତ୍ର, କିଶୋର ଦାସ, ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଞ୍ଜୀବ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟେଲ୍, ସମ୍ପାଦିକା ଦୀପ୍ତି ଦାସ, ବନ୍ଦନା ରାୟ, ସିଦ୍ଧାର୍ଥ ମହାପାତ୍ର, ଦିବ୍ୟ ରଞ୍ଜନ ମହାପାତ୍ର କୋଷାଧ୍ୟକ୍ଷ ରାଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ଜ୍ୟୋତିର୍ମୟୀଙ୍କ କଣ୍ଠ ସଙ୍ଗୀତ ହଜାର ହଜାର ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।


15001/94/2627



**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)



**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0094

# କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.)ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ସାଧାରଣ ସମ୍ପାଦକ ଏମ୍. ଏ. ବେବି ଭାରତର ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଜନଗଣନା କମିଶନରଙ୍କ ନିକଟରେ ଜନଗଣନା ୨୦୨୭ ସମ୍ପର୍କିତ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି । ପ୍ରକାଶନ ପାଇଁ ଆମେ ଏଠାରେ ଉକ୍ତ ସ୍ମାରକପତ୍ରର ସମ୍ପୂର୍ଣ୍ଣ ପାଠ ପ୍ରକାଶ କରୁଛୁ ।ଜନଗଣନା ୨୦୨୭ ବର୍ତମାନ ଚାଲିଛି । କେତେକ ସ୍ଥାନରେ ଘର ତାଲିକା ପ୍ରସ୍ତୁତିର ପ୍ରଥମ ପର୍ଯ୍ୟାୟ ମାତ୍ର ଆରମ୍ଭ ହୋଇଥିବାବେଳେ, ବରଫାଚ୍ଛାଦିତ ଅଂଚଳଗୁଡ଼ିକରେ ନିଜେ ତଥ୍ୟ ପ୍ରଦାନ କରିବାର ବିକଳ୍ପ ସହିତ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି ।ଜନଗଣନା କେବଳ ଏକ ପରିସଂଖ୍ୟାନ ସଂଗ୍ରହ ପ୍ରକ୍ରିୟା ନୁହେଁ । ଏହା ରାଜ୍ୟ ସରକାର ଓ ଦେଶର ଶାସନ ବ୍ୟବସ୍ଥାକୁ ଜନସଂଖ୍ୟାକୁ କିପରି ବୁଝିବାକୁ ହେବ ତାହା ନିର୍ଦ୍ଧାରଣ କରେ ଏବଂ ଯୋଜନା ପ୍ରସ୍ତୁତି, ସମ୍ପଦ ବଂଟନ ଏବଂ ଶେଷରେ ରାଜନୈତିକ ପ୍ରତିନିଧିତ୍ୱ ପାଇଁ ଆଧାର ପ୍ରଦାନ କରେ । ତେଣୁ ୧୬ ବର୍ଷର ବ୍ୟବଧାନ ପରେ ହେଉଥିବା ଜନଗଣନା ୨୦୨୭ ବିଶେଷ ଗୁରୁତ୍ୱ ବହନ କରୁଛି । ଏହା ଏପରି ଏକ ସମୟରେ ହେଉଛି, ଯେତେବେଳେ ନାଗରିକତା, ନିର୍ବାଚନୀ ଅଧିକାର ଏବଂ ରାଜନୈତିକ ପ୍ରତିନିଧିତ୍ୱକୁ ପ୍ରଭାବିତ କରୁଥିବା ଅନେକ ଅନ୍ୟ ପ୍ରକ୍ରିୟା ମଧ୍ୟ ଚାଲିଛି ।ଏହି ପ୍ରକ୍ରିୟାକୁ ବିଜେପିର ସଂକୀର୍ଣ୍ଣ ରାଜନୈତିକ ଏଜେଣ୍ଡା ପୂରଣ କରିବା ପାଇଁ ବ୍ୟବହାର କରାଯାଉଛି ବୋଲି ଏବେ ସ୍ପଷ୍ଟ ହୋଇଯାଇଛି । ଏପରି କିଛି ପ୍ରଶ୍ନ ସାମିଲ କରାଯାଇଛି, ଯାହା ସାଧାରଣତଃ ଏପରି ଜନଗଣନାରେ ରହିବା କଥା ନୁହେଁ । ତଥ୍ୟ ସଂଗ୍ରହର ପଦ୍ଧତି ମଧ୍ୟ ଏହି ଉଦ୍ଦେଶ୍ୟକୁ ସୂଚାଉଛି । ଉଭୟ ପିତାମାତାଙ୍କର ତଥ୍ୟ, ସେମାନଙ୍କର ଧର୍ମ, ଜନ୍ମସ୍ଥାନ ଇତ୍ୟାଦି ତଥ୍ୟ କାହିଁକି ସଂଗ୍ରହ କରାଯାଉଛି, ତାହାର ଅନ୍ୟ କୌଣସି ବ୍ୟାଖ୍ୟା ନାହିଁ ।ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଘୋଷିତ ପ୍ରଶ୍ନାବଳୀ ମଧ୍ୟ ଅନେକ ଗମ୍ଭୀର ଚିନ୍ତାର ବିଷୟ ଉଠାଇଛି, ଯାହାକୁ ଆମେ ନିମ୍ନରେ ଉଲ୍ଲେଖ କରିବାକୁ ଚାହୁଁଛୁ ।ବ୍ୟକ୍ତିଗତ ତଥ୍ୟ ସଂଗ୍ରହପ୍ରଶ୍ନାବଳୀରେ ପାରମ୍ପରିକ ଜନଗଣନା ତଥ୍ୟ ସଂଗ୍ରହର ସୀମାକୁ ଅତିକ୍ରମ କରାଯାଇଛି । ଏଥିରେ ଆଧାର, ଭୋଟର୍ ଓଡ଼, ପାସପୋର୍ଟ ଏବଂ ମୋବାଇଲ୍ ନମ୍ବର, ଏହା ସହିତ ବ୍ୟାଙ୍କ ଖାତା ସଂଖ୍ୟା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟ ମଗାଯାଉଛି । ଉତରଦାତାଙ୍କ ସ୍ୱାମୀ/ସ୍ତ୍ରୀ ସମ୍ପର୍କରେ ମଧ୍ୟ ତଥ୍ୟ ମଗାଯାଉଥିବା ବିଷୟଟି ଅଜବ ଲାଗୁଛି ।କେତେକ ସ୍ଥାନରେ ଏହି ତଥ୍ୟଗୁଡ଼ିକୁ ସ୍ୱେଚ୍ଛାଧୀନ ବୋଲି କିମ୍ବା "ଯଦି ଉପଲବ୍ଧ ଥାଏ" ବୋଲି ଉଲ୍ଲେଖ କରାଯାଇଥିଲେ ମଧ୍ୟ, ସରକାରୀ ଅଧିକାରୀ ତଥ୍ୟ ମାଗିଲେ ଉତରଦାତାମାନଙ୍କୁ ସେଗୁଡ଼ିକ ଦେବାକୁ ବାଧ୍ୟ କରାଯିବାର ଆଶଙ୍କା ରହିଛି । ପ୍ରତ୍ୟେକ ପରିବାରକୁ ତଥ୍ୟ ସଂଗ୍ରହ କରିବା ସମୟରେ ଗଣନାକାରୀ ଏହି ତଥ୍ୟ ଦେବା ସ୍ୱେଚ୍ଛାଧୀନ ବୋଲି ସ୍ପଷ୍ଟ ଭାବରେ ବୁଝାଇବେ ବୋଲି ଆଶା କରିବା ବାସ୍ତବତାଠାରୁ ବହୁତ ଦୂରର କଥା ।ଏହା ସହିତ ତଥ୍ୟଗୁଡ଼ିକୁ ପରସ୍ପର ସଂଯୋଗ (ଉବସ୍ପବ ଖସଭଲବଶର) କରିବା ନେଇ ଏକ ବଡ଼ ଚିନ୍ତା ରହିଛି । ଯେତେବେଳେ ଜାତି, ଧର୍ମ, ଦିବ୍ୟାଙ୍ଗତା, ପ୍ରବାସ, ପେଶା ଏବଂ ପରିବାର ସମ୍ପର୍କିତ ତଥ୍ୟ ବ୍ୟକ୍ତିଗତ ପରିଚୟ ସୂଚକଗୁଡ଼ିକ ସହିତ ସଂଗ୍ରହ କରାଯାଏ, ସେତେବେଳେ ଜନଗଣନା ତଥ୍ୟକୁ ଅନ୍ୟ ସରକାରୀ ଡାଟାବେସ୍ ସହିତ ସଂଯୋଗ କରିବାର ସମ୍ଭାବନା ଏକ ଗମ୍ଭୀର ବିଷୟ ହୋଇଯାଏ ।ଜନଗଣନା ଏବଂ ତଥ୍ୟ ସଂଯୋଗଚାଲିଥିବା ବା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟାର ପରିପ୍ରେକ୍ଷିତରେ ଏହି ଚିନ୍ତାଗୁଡ଼ିକ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଝଓଜ ମାଧ୍ୟମରେ ବହୁ ପରିମାଣର ଦଲିଲ ଏବଂ ଯାଂଚ ଦାବି କରି ନାଗରିକମାନଙ୍କ ଉପରେ ପ୍ରମାଣ ଦେବାର ଦାୟିତ୍ୱ ଦିଆଯାଇଛି ।ଯଦିଓ ଜନଗଣନା ଔପଚାରିକ ଭାବେ ଝଓଜ ଠାରୁ ଭିନ୍ନ, ତଥାପି ବ୍ୟକ୍ତିଗତ ତଥ୍ୟ ସଂଗ୍ରହର ବିସ୍ତାର, ଭୋଟର ତାଲିକା ଯାଂଚ ଏବଂ ନାଗରିକତା ସମ୍ପର୍କିତ ଆଲୋଚନା ଏକାସାଙ୍ଗେ ଚାଲିଥିବାରୁ ଭବିଷ୍ୟତରେ ଏହି ତଥ୍ୟଗୁଡ଼ିକର ବ୍ୟବହାର ଏବଂ ପରସ୍ପର ସଂଯୋଗ ନେଇ ଯଥାର୍ଥ ଆଶଙ୍କା ସୃଷ୍ଟି ହେଉଛି ।ଜନଗଣନା ଏବଂ ନିର୍ବାଚନୀ ସୀମା ପୁନର୍ନିର୍ଦ୍ଧାରଣ: ଜନଗଣନାର ସମୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ରାଜ୍ୟଗୁଡ଼ିକ ମଧ୍ୟରେ ଲୋକସଭା ଏବଂ ବିଧାନସଭା ଆସନ ବଂଟନ ଉପରେ ସମ୍ବିଧାନିକ ସ୍ଥଗନ ୨୦୨୬ ପରେ ହେଉଥିବା ପ୍ରଥମ ଜନଗଣନା ପର୍ଯ୍ୟନ୍ତ ଲାଗୁ ରହିଛି । ତେଣୁ ପରବର୍ତୀ ଜନଗଣନା ଆଗାମୀ ନିର୍ବାଚନୀ ସୀମା ପୁନର୍ନିର୍ଦ୍ଧାରଣ (ଉରକ୍ଷସଙ୍କସସ୍ପବସ୍ପସକ୍ଟଭ) ପାଇଁ ଜନସଂଖ୍ୟାର ଆଧାର ପ୍ରଦାନ କରିବ । ଏହା ଫଳରେ ଜନଗଣନା କେବଳ ଏକ ଜନସାଂଖ୍ୟିକ ଅଭ୍ୟାସ ହୋଇ ରହିବ ନାହିଁ । ଏହା ଭବିଷ୍ୟତରେ ରାଜ୍ୟଗୁଡ଼ିକ ମଧ୍ୟରେ ରାଜନୈତିକ ପ୍ରତିନିଧିତ୍ୱର ବଂଟନ ଉପରେ ପ୍ରଭାବ ପକାଇବ । ଯେଉଁ ରାଜ୍ୟଗୁଡ଼ିକ ସଫଳତାର ସହିତ ଜନସଂଖ୍ୟା ସ୍ଥିରୀକରଣ ନୀତି ଲାଗୁ କରିଛନ୍ତି, ସେମାନଙ୍କ ଅଭିଜ୍ଞତାକୁ ଅଣଦେଖା କରାଯାଇପାରିବ ନାହିଁ । ଜନସଂଖ୍ୟା ସ୍ଥିରୀକରଣ ନୀତିକୁ ସଫଳତାର ସହିତ କାର୍ଯ୍ୟକାରୀ କରିଥିବାରୁ ରାଜ୍ୟଗୁଡ଼ିକୁ ରାଜନୈତିକ ଭାବରେ ଦଣ୍ଡିତ କରାଯିବା ଉଚିତ ନୁହେଁ । ଏହା ସହିତ, ସଂଘୀୟ ବ୍ୟବସ୍ଥା ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ରାଜନୈତିକ ସନ୍ତୁଳନ ଉପରେ ଏହାର ପ୍ରଭାବକୁ ବିଚାର ନକରି



ନିର୍ବାଚନୀ ସୀମା ପୁନର୍ନିର୍ଦ୍ଧାରଣ କରାଯାଇପାରିବ ନାହିଁ ।ଜାତି ଗଣନା ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତି ମଧ୍ୟ ଗମ୍ଭୀର ଚିନ୍ତା ସୃଷ୍ଟି କରୁଛି । ଉପଲବ୍ଧ ତାଲିକାରୁ ନିଜର ଜାତି/ଜନଜାତି ବାଛିପାରୁଥିବା ଅନୁସୂଚିତ ଜାତି/ଜନଜାତି ବ୍ୟତୀତ ଅନ୍ୟମାନଙ୍କ କ୍ଷେତ୍ରରେ ଜାତିକୁ "ଉତରଦାତା ଯେପରି ଘୋଷଣା କରିବେ" ସେହି ଅନୁଯାୟୀ ରେକର୍ଡ କରାଯିବ ।ସାଧାରଣ ଜାତି ସମ୍ପର୍କିତ ପ୍ରଶ୍ନ ପାଇଁ ଏକ ସମ୍ପୂର୍ଣ୍ଣ ପୂର୍ବନିର୍ଦ୍ଧାରିତ ତାଲିକା କିମ୍ବା ସୁସଂଗଠିତ ପଦ୍ଧତି ନଥିବାରୁ ଅନେକ ପ୍ରକାରର ଜାତି ଏବଂ ଉପଜାତିର ନାମ ରେକର୍ଡ ହେବ । ଫଳରେ ସଠିକ୍ ସଂଖ୍ୟା ପାଇବା ସମ୍ଭବ ହେବ ନାହିଁ ଏବଂ ଏହି ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହିଁ ବିଫଳ ହେବ ।ବୈଜ୍ଞାନିକ ଭାବେ ପ୍ରସ୍ତୁତ ଜାତି ବର୍ଗୀକରଣ ଏବଂ କୋଡିଂ ବ୍ୟବସ୍ଥା ବ୍ୟବହାର କରି ସୁସଂଗଠିତ ଭାବରେ ତଥ୍ୟ ସଂଗ୍ରହ କରିବାକୁ ମନା କରାଯାଉଥିବାରୁ ଏହା ଉଦ୍ଦେଶ୍ୟମୂଳକ ବୋଲି ସ୍ପଷ୍ଟ ହେଉଛି । ଏହି ବ୍ୟବସ୍ଥାର ଡିଜାଇନ୍ ନିଜେ ତ୍ରୁଟିପୂର୍ଣ୍ଣ ଏବଂ ଏହାକୁ ସେହିପରି ରଖାଯାଇଛି ।ଦିବ୍ୟାଙ୍ଗତାର ଅପର୍ଯ୍ୟାପ୍ତ ଗଣନା ୨୧ଟି ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତାକୁ ସ୍ୱୀକୃତି ଦେଇଥିବାବେଳେ, ଜନଗଣନାର ଢାଂଚାରେ ଅନେକ ଦିବ୍ୟାଙ୍ଗତାକୁ ଏକାଠି କରାଯାଇଛି ଏବଂ କେତେକକୁ ସମ୍ପୂର୍ଣ୍ଣ ଭାବେ ବାଦ ଦିଆଯାଇଛି ବୋଲି ଜଣାପଡୁଛି । ଚାଲିଥିବା ଏହି ପ୍ରକ୍ରିୟାରେ କେବଳ ୯ଟି ସ୍ୱତନ୍ତ୍ର ବର୍ଗ ରହିଛି ।ଏହା ଫଳରେ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ସମ୍ପର୍କରେ ସଠିକ୍ ତଥ୍ୟ ମିଳିବ ନାହିଁ । ଏହା କେବଳ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସଂଖ୍ୟାକୁ କମ୍ ଦେଖାଇବ ନାହିଁ, ବରଂ ଯୋଜନା ପ୍ରସ୍ତୁତି, ବଜେଟ୍ ବଂଟନ, ସରକାରୀ ଯୋଜନା ଇତ୍ୟାଦି ଉପରେ ମଧ୍ୟ ପ୍ରଭାବ ପକାଇବ । ତେଣୁ ଆମର ଦାବି ଗୁଡ଼ିକ ହେଲା୧. ଜନଗଣନା ପଦ୍ଧତି ସମ୍ପର୍କରେ ତୁରନ୍ତ ସର୍ବଦଳୀୟ ଆଲୋଚନା କରାଯାଉ ।୨. ପିତାମାତାଙ୍କ ଧର୍ମ, ସେମାନଙ୍କର ବ୍ୟକ୍ତିଗତ ତଥ୍ୟ, ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ, ଆଧାର ଏବଂ ଅନ୍ୟାନ୍ୟ ପରିଚୟପତ୍ର ସଂଖ୍ୟା ଓ ଏହିପରି ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ ନାହିଁ ।୩. ଏକ ବୈଜ୍ଞାନିକ ଭାବେ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଜାତି ବର୍ଗୀକରଣ ଓ କୋଡିଂ ବ୍ୟବସ୍ଥା ପ୍ରସ୍ତୁତ କରାଯାଉ ।୪. ଜନଗଣନା ତଥ୍ୟକୁ ନିର୍ବାଚନୀ ତଥ୍ୟ, ଆଧାର, କଲ୍ୟାଣକାରୀ ଯୋଜନା କିମ୍ବା ନାଗରିକତା ସମ୍ପର୍କିତ ଡାଟାବେସ୍ ସହିତ ସଂଯୋଗ କରିବା ବିରୋଧରେ କଠୋର ସୁରକ୍ଷା ବ୍ୟବସ୍ଥା କରାଯାଉ । ୫. ନାଗରିକତା ନିର୍ଦ୍ଧାରଣ କିମ୍ବା ନିର୍ବାଚନୀ ଅଧିକାରରୁ ବାଦ ଦେବା ପାଇଁ ଜନଗଣନା ତଥ୍ୟର ବ୍ୟବହାର ବିରୋଧରେ ସୁରକ୍ଷା ବ୍ୟବସ୍ଥା କରାଯାଉ । ୬. ନିର୍ବାଚନୀ ସୀମା ପୁନର୍ନିର୍ଦ୍ଧାରଣ ଏବଂ ସଂଘୀୟ ବ୍ୟବସ୍ଥା ଉପରେ ଜନଗଣନାର ପ୍ରଭାବ ସମ୍ପର୍କରେ ସ୍ୱଚ୍ଛ ଏବଂ ସାର୍ବଜନୀନ ଆଲୋଚନା କରାଯାଉ ।

# ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନାରେ ଦୃଷ୍ଟି ପରୀକ୍ଷା ଶିବିର



ବାଲେଶ୍ୱର,(ନି.ପ୍ର.) ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଗତ **School Eye Health Programme** ୨୦୨୬-୨୭ ଅବସରରେ ବାଲେଶ୍ୱର ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଏକ ଦୃଷ୍ଟି ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ **DHH**, ବାଲେଶ୍ୱର **Senior Eye Specialist** ଡା. ସୁଜିତ ନାରାୟଣ ମହାପାତ୍ର, ଉଏଚଉ ସୋରୋର **Senior Ophthalmologist** ଶ୍ରୀ ଅଭୟ କୁମାର ଦାସ, ଉଏଚଉ ରୂପସାର **Ophthalmolo-gis**ଷ୍ଟ ଶ୍ରୀମତୀ ବିଜୟଲକ୍ଷ୍ମୀ ସୁର ଏବଂ ଉଏଚଏ, ବାଲେଶ୍ୱରର ଉରଙ ଶ୍ରୀ ମନୋଜ କୁମାର ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା ଓ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ । ଦୃଷ୍ଟିହୀନ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ମଧ୍ୟ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିବିରର ସଫଳ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଶିବିର ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି ସହ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା ।

# ଏଥର ଲୋରି କ୍ଲବ ମୁଖ୍ୟ ଆକର୍ଷଣ

ବାଲେଶ୍ୱର,(ନିପ୍ର); ବାଲେଶ୍ୱର ଜିଲ୍ଲା ଗଣେଷ ପୂଜା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ମୁଖ୍ୟତଃ ବାଲେଶ୍ୱର ସହରର ୩୧ ଟି ୱାର୍ଡରେ ପାଖାପାଖି ୩୦୦ରୁ ଉର୍ଦ୍ଧ ଛୋଟ ବଡ ଗଣେଶ ମୂର୍ତି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପୂଜାମଣ୍ଡପରେ ପୂଜାହେଉଥିବାବେଳେ ମୂଖ୍ୟତଃ ବାଲେଶ୍ୱର ଫକୀରମୋହନ ଗୋଲେଇର ଲୋରୀ କ୍ଲବ ଜନସାଧାରଣଙ୍କର ମୂଖ୍ୟ ଆକର୍ଷଣ ହୋଇଥିବାବେଳେ ସିନେମାଛକ ଠାରୁ ଗୋପାଳଗାଁ ଛକ ପର୍ଯ୍ୟନ୍ତ ସାଇଲେନ୍ସ ଜୋନରେ ଅତ୍ୟାଧୁନିକ ପ୍ରଣାଳୀରେ ତିଆରି ହୋଇଥିବା ୩୫ରୁ ଉର୍ଦ୍ଧ ବିଶାଳକାୟ ଗଣେଶ ମୂର୍ତି ଜନତା ଜନାର୍ଦ୍ଦନଙ୍କର ଅନ୍ୟତମ ମୂଖ୍ୟ କାରଣ ଅଟେ । କାରଣ ସାଇଲେନ୍ସଜୋନ ଓ ଲୋରି କ୍ଲବର ମେଢ ଦେଖିବାପାଇଁ ବାଲେଶ୍ୱର ଜିଲ୍ଲା ସମେତ କଟକ,ଭୁବନେଶ୍ୱର,ପୁରୀ, କେନ୍ଦ୍ରାପଡା, ଢେଙ୍କାନାଳ, ଭଦ୍ରକ, ମୟୁରଭଞ୍ଜ, ଖଡଗପୁର ପ୍ରମୁଖ ଅଂଚଳରୁ ବହୁ ଦର୍ଶକ ଆସିଥାନ୍ତି ଗଣେଶ ମହାପ୍ରଭୁଙ୍କ ଅବତାର ଦେଖିବାପାଇଁ । ଏପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂଜାମଣ୍ଡପ ନେବା ପାଇଁ ସିଙ୍ଗଲ



ୱିନଡୋ ଭସାଣି ଶୋଭାଯାତ୍ରା ପରିମିଶନ ଡିଜେ ଅଙ୍କୁଶ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଆରମ୍ଭ ହୋଇଯରଇଥିବା ବେଳେ ଏବେଠାରୁ ପୂଜାମଣ୍ଡପର କର୍ମକର୍ତାମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓ ଆର୍ନ୍ତରାଜ୍ୟରୁ ଡିଜେ ଗାଡି ବୁକ୍ କରିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅର୍କେଷ୍ଟ୍ରା ଦଳ ସହିତ ଯୋଗାଯୋଗ କରୁଥିବା ଜଣାପଡିଛି ।

# ଜିଲ୍ଲାରେ ୭୦ଭାଗରୁ ଅଧିକ ଚାଷୀ ପଞ୍ଜିକରଣ କରିନାହାନ୍ତି



ବାଲେଶ୍ୱର(ନି.ପ୍ର.) : ଅଗଷ୍ଟ ଶେଷ ହେବାକୁ ସପ୍ତାହକରୁ କମ ସମୟ ଅଛି ବାଲେଶ୍ୱର ଜିଲ୍ଲାରେ ବର୍ତମାନ ସୁଦ୍ଧା ୭୦ଭାଗରୁ ଅଧିକ ଚାଷୀ ପଞ୍ଜିକରଣ କରିପାରିନାହାନ୍ତି । ପ୍ରଥମତ ପଞ୍ଜିକରଣ ଜଟିଳତା ଦ୍ୱିତୀୟରେ ବନ୍ୟା ଉବୁଟୁବୁ ହେଉଥିବା ଚାଷୀ ମାନେ ପଞ୍ଜିକରଣ କରିପାରିନାହାଂତି । ତେଣୁ, ପଞ୍ଜିକରଣ ଅବଧି ସେପଟେମ୍ବର ୩୦ବୃଦ୍ଧି କରିବା ସହ ପଞ୍ଜିକରଣ ଜଟିଳତା ରୁ ଚାଷୀ ମାନଙ୍କୁ ମୁକ୍ତ କରିବା, ଜମି ମାଲିକଙ୍କର ସହମତିରେ ଭଗଚାଷିଙ୍କୁ ପଞ୍ଜିକରଣ ରେ ସୁଯୋଗ ଦେବା, କୃଷିରୁଣ ଛାଡ଼ କରିବା, ଧାନ ଫସଲ ହାନି ପାଇଁ ଏକର ପିଛା ୧୦ହଜାର ଟଙ୍କା, ପନିପରିବା ଫସଲ ପାଇଁ ଏକର ପିଛା ୧୫ହଜାର ଟଙ୍କା କ୍ଷତିପୂରଣ, କୃଷି ଋଣ ଛାଡ଼ କରିବା, ମାଛ ଚାଷୀଙ୍କୁ ୫୦ହଜାର ଟଙ୍କାର କ୍ଷତି ପୂରଣ, ପଶୁ ସମ୍ପଦର କ୍ଷୟ କ୍ଷତି ପାଇଁ ୪୦ହଜାର ଟଙ୍କା କ୍ଷତି ପୂରଣ, ଚାଷୀକୁ ଆବଶ୍ୟକ ଅନୁଯାୟୀ ଧାନ ବିହନ, ଅଣ ଧାନ ବିହନ, ଡ଼ାଲିଜାତୀୟ ବିହନ, ସାର, କୀଟ ନାଶକ, ଡିଜେଲ, ଲିଫ୍ଟ ପଏଂଟ ପାଇଁ ବିଦ୍ୟୁତ ମାଗଣା ରେ ଯୋଗାଇ ଦିଆ ଯାଉ କ୍ଷ ନଚେତ କୃଷକ ସଭା ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକରେ ଆନ୍ଦୋଳନ କରିବ ।ଏହି, କାର୍ଯ୍ୟକ୍ରମ ରେ କୃଷକସଭା ର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବିଜୟ ପାତ୍ର, ଆମେରେନ୍ଦ୍ର ନାୟକ, ଗୋବିନ୍ଦ ବାରିକ, ଜୀବନ ପରିଡା, ସୁଶାନ୍ତ ଜେନା, ପ୍ରଭାକର ବେହେରା, ଦୀପ୍ତିମାନ ଆଚାର୍ଯ୍ୟ, ରାଜକିଶୋର ଲେଙ୍କା, ଚନ୍ଦନ କମିଲା, ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଉପସ୍ଥିତି ରହି ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# 'ସହାୟକ' ବାଲେଶ୍ୱର ତରଫରୁ ସ୍ୱର୍ଗତ ଲୋକନାଥ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର(ନି.ପ୍ର.): 'ସହାୟକ' ବାଲେଶ୍ୱରର ଏକ ସ୍ୱତନ୍ତ୍ର ବୈଠକ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଗତକାଲି ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ଦିବଂଗତ ଲୋକନାଥ ଆଚାର୍ଯ୍ୟଙ୍କ ତିରୋଧାନରେ ସଦସ୍ୟମାନେ ତାଙ୍କର ସ୍ମୃତିଚାରଣ କରିବା ସହ ଅମର ଆତ୍ମାର ସଦଗତି ପାଇଁ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ । ସଭାପତି ଡ. କ୍ଷିତୀଶ୍ୱର ଦାଶ ତାଙ୍କ ସହ ବିଭିନ୍ନ ସମୟରେ ସଂଶ୍ଳିଷ୍ଟ ଥିଲେ । ତାଙ୍କର ଜନ୍ମସ୍ଥାନ ଠାରୁ ଆରମ୍ଭ କରି ପରିବାରର ସମସ୍ତ ସଦସ୍ୟ ସଦସ୍ୟାଙ୍କ ଉପରେ ବିଷଦ ଆଲୋକପାତ କରିଥିଲେ । ଏହି ସଭାରେ ଅନ୍ୟତମ ବରିଷ୍ଠ ତଥା 'ସହାୟକ'ର ପୃଷ୍ଠପୋଷକ ସଦସ୍ୟ ଇଂ. ଶ୍ରୀରାମ



ପ୍ରସାଦ ଦାଶ ବନ୍ୟାପାଣି ଯୋଗୁଁ ଆସି ନପାରିବାରୁ ପଠାଇଥିବା ବାର୍ତା ପାଠ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ଇଂ ଗୌରାଙ୍ଗ ସାହୁ, ନିରଞ୍ଜନ ପରିଡ଼ା, ଦାମୋଦର ନାୟକ, ସୁରେନ୍ଦ୍ର ପ୍ରସାଦ ଧଳ, ପ୍ରଫୁଲ୍ଲ କୁମାର ଦାସ, ସଞ୍ଜୟ କୁମାର ପଣ୍ଡା, ଡ. ତାରାକାନ୍ତ ନନ୍ଦ, ଶରତ ଚନ୍ଦ୍ର ବିଶ୍ୱାଳ, ଗଙ୍ଗାଧର ପୃଷ୍ଟି, ରବି କୁମାର ପାଣିଗ୍ରାହୀ, କାମିନୀକାନ୍ତ ପାଢ଼ୀ, ରବିନାରାୟଣ ବେହେରା, ଶ୍ୟାମ ସୁନ୍ଦର ଜେନା, ସୁକୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସଭାରେ ସହଯୋଗ କରିଥିଲେ ।

# ରକ୍ଷାବନ୍ଧନ ପାଇଁ ବଜାର ସରଗରମ

ବାଲେଶ୍ୱର,(ନିପ୍ର); ଆସନ୍ତା ୨୭ ତାରିଖ ଓ ୨୮ ତାରିଖ ଦୁଇଦିନ ଧରି ବାଲେଶ୍ୱର ଜିଲ୍ଲା ସମେତ ସଦର ମହକୁମାରେ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯିବା ପାଇଁ ଏବେଠାରୁ ବଜାର ସରଗରମ ହୋଇଛି । ଏଥର ବିଭିନ୍ନ କିସମର ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ରାକ୍ଷୀ ବଜାରରେ ଉପଲବ୍ଧ ହୋଇଥିବାବେଳେ ରକ୍ଷାବନ୍ଧନ ଭଳି ପବିତ୍ର ଉତ୍ସବ ପାଳନ ପାଇଁ ଏବେଠାରୁ ଭଉଣୀ ମାନେ ଭାଇର ଦୀର୍ଘ ଜୀବନୀ କାମନା କରିବା ଏବଂ ଭଉଣୀର ଜୀବନ ସୁରକ୍ଷା ପାଇଁ ଭଉଣୀ ମାନେ ରାକ୍ଷୀ ଦୋକାନରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି । ସେହିପରି କ୍ରମାଗତ ଭାବେ ଚିନିର ମୂଲ୍ୟ ଅହେତୁକ ଭାବେ ବୃଦ୍ଧିପାଇ ଥିଲେ ହେଁ ମିଠା ଦୋକାନୀ ମାନେ ଚିନିର ମୂଲ୍ୟବୃଦ୍ଧିକୁ ଭୃକ୍ଷେପ ନକରି ବିଭିନ୍ନ କିସମର ମିଷ୍ଟାନ୍ନ ପ୍ରସ୍ତୁତ କରିବାସହ ନିଜର ଦୋକାନକୁ ଅତ୍ୟାଧୁନିକ ପ୍ରଣାଳୀରେ ସଜାଇଛନ୍ତି । ଯାହାକି ଗ୍ରାହକଙ୍କୁ ଆକୃଷ୍ଟ କରିବ ।ଅପରପକ୍ଷେ କେତେକ ମିଷ୍ଟାନ୍ନ ଦୋକାନୀ ମନ୍ଦ ଉଦ୍ଦେଶ୍ୟ ରଖି ନିମ୍ନମାନର ସୁଜିମିଶ୍ରିତ ସିନଥେଟିକ ଛେନାରେ ରସଗୋଲା ଓ ଛେନାପୋଡ, ଛେନାଗଜା ପ୍ରସ୍ତୁତ କରି ଚଢାମୂଲ୍ୟରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି । ପ୍ରଶାସନ ଓ ପୌରପାଳିକା କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାପାଇଁ ଦାବି ହେଉଛି ।

# ଝୁଲଣ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର,(ନିପ୍ର); ଓଡ଼ିଶାରେ ବାରମାସରେ ତେର ପର୍ବ ସେଥିମଧ୍ୟରୁ ବିଶ୍ୱର ଆରାଧଦେବତା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ରାଧାକୃଷ୍ଣ ଜୀଉଙ୍କ ଝୁଲଣ ଯାତ୍ରା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ । ବାଲେଶ୍ୱର ଜିଲ୍ଲା ସମେତ ପୁରପଲ୍ଲୀ ଓ ସହରରେ ବିଭିନ୍ନ ଦେବାଦେବୀ ମନ୍ଦିରରେ ଏବେଠାରୁ ଝୁଲଣ ଯାତ୍ରା ପାଇଁ ଅତ୍ୟାଧୁନିକ ଆଲୋକମାଳାରେ ସାଜସଜ୍ୟା ଆରମ୍ଭ ହୋଇଯିବା ସହ ରାଧାକୃଷ୍ଣ ଜୀଉଙ୍କ ଝୁଲଣ ବିମାନ ସାଜସଜ୍ୟା କାର୍ଯକ୍ରମ ଆରମ୍ଭ ହୋଇଯାଇଛି । ଖବର ନେବାରେ ଜଣାଯାଇଛି କି ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ ସମେତ ସହରାଂଚଳରେ ଥିବା ବାଲିଘାଟ ଜଗନ୍ନାଥ ମନ୍ଦିର, ଷଡଭୁଜ ମନ୍ଦିର, ଶ୍ୟାମସୁନ୍ଦର ମନ୍ଦିର, ପାଟରା ମନ୍ଦିର,ମଣ୍ଡଳ ବଜାର ଲକ୍ଷ୍ମୀନାରାୟଣ ମନ୍ଦିର, ଆଲୁପୁର ଲକ୍ଷ୍ମୀନାରାୟଣ ମନ୍ଦିର, ମାରୱାଡିପଟି ରାଧାକୃଷ୍ଣ ମନ୍ଦିର, ରାଜାବଗିଚା ତ୍ରୟମ୍ବକେଶ୍ୱର ମନ୍ଦିର, ଝାଡେଶ୍ୱର ମନ୍ଦିର, ବାଣ୍ଡିଆ ଜଗନ୍ନାଥ ମନ୍ଦିର, ଲୋକନାଥ ମନ୍ଦିର ସମେତ ଅନ୍ୟାନ୍ୟ ରାଧାକୃଷ୍ଣ ବିଗ୍ରହ ଥିବା ମନ୍ଦିର ଗୁଡିକରେ ଝୁଲଣ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିବା ବେଳେ ରେମୁଣା କ୍ଷୀରୋଚୋରା ଗୋପୀନାଥ, ସହଦେବଖୁଣ୍ଟା, ମାଧିପୁର ପ୍ରମୁଖ ଅଂଚଳରେ ଝୁଲଣ ଯାତ୍ରା ପାଇଁ ପ୍ରସ୍ତୁତି ଜୋର ଧରିଛି ।

# ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ଥାଲାସେମିଆ ରୋଗୀଙ୍କ ପାଇଁ ଅନୁଷ୍ଠିତ ହେଲା ରକ୍ତଦାନ ଶିବିର




ବାଲେଶ୍ୱର (ନି.ପ୍ର.): ରକ୍ତ ଦାନ ଏକ ମହତଦାନ । ବୁନ୍ଦାଏ ରକ୍ତ ପାଇଁ ହସି ଉଠୁଥିବା ଜୀବନ ଲାଗି ରକ୍ତ ଦାନ କରିବା ନିହାତି ଦରକାର । ତୁମରି ରକ୍ତରେ କାହାର ଜୀବନ ବଂଚିଲେ, ସେ କର୍ମ ହେବ ତୁମର ଶ୍ରେଷ୍ଠ କର୍ମ । ଏହି ପରିପ୍ରେକ୍ଷୀରେ ଏହି ମହତ କାର୍ଯ୍ୟକୁ ରୂପରେଖ ଦେବା ଲାଗି ଆଜି ପ୍ରବଳ ବର୍ଷାରେ ପ୍ରତିକୂଳ ପାଗ ସତ୍ୱେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଂଚସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟିଂଚ ପକ୍ଷରୁ ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।କମିଟିର ସଭାପତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା ଓ ସମ୍ପାଦିକା ସୁଲୋଚନା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପ୍ରାକ୍ତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ମିଳିତ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ? ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତୀ, ସମାଜସେବୀ ତଥା ଯୁବନେତା ବିକ୍ରମ ପଣ୍ଡା, ଉପସଭାପତି ଲକ୍ଷ୍ମୀଧର ବାରିକ ଆଇନଜୀବୀ ସାଇରୁଲ ହକ୍, ଆଶ୍ରିତା ତରେଇ, ପ୍ରତିମା ପଣ୍ଡା, ସତ୍ୟେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବନ୍ୟା ସମୟରେ ଜିଲ୍ଲା ରକ୍ତ କେନ୍ଦ୍ରରେ ରକ୍ତର ଘୋର ଅଭାବକୁ କେନ୍ଦ୍ର କରି କମିଟି ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଛି । ଏହା ସହିତ ଜିଲ୍ଲାରେ ଥାଲେସମିଆ ରୋଗରେ ଯେଭଳି କାହାରି ମୃତ୍ୟୁ ନ ହୁଏ ସେଥିପାଇଁ ଦୀର୍ଘ ବର୍ଷ ଧରି କମିଟି ପକ୍ଷରୁ ରକ୍ତଦାନ ଶିବିର ଆୟୋଜତି ହୋଇ ଆସୁଛି । ଏହି ଶିବିରରୁ ମୂଲ୍ୟବାନ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ରକ୍ତଦାନ ଅଭିଯାନ କ୍ଷେତ୍ରରେ ସହଯୋଗ ପାଇଁ ଏସୋସିଏଟ ପ୍ରୋଫେସର ଓମପ୍ରକାଶ ପଣ୍ଡା, ସ୍ୱେଚ୍ଛାସେବୀ ସୁଜିତ୍ କୁମାର ନାୟକ, ସମାଜସେବୀ ସୁଶାନ୍ତ ଧଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଦସ୍ୟ ଅଜୟ ବେହେରା, ବିଶ୍ୱଜିତ ମୁଦୁଲି, ମୃତ୍ୟୁଞ୍ଜୟ ବେହେରା, ଚନ୍ଦନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ରକ୍ତଭଣ୍ଡାର କର୍ମକର୍ତାମାନେ ରକ୍ତ ସଂଗ୍ରହ କରିଥିଲେ । ଶେଷରେ ଉପଦେଷ୍ଟା 'ସମୟର ଚକ୍ର' ସମ୍ପାଦକ ସର୍ବେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।





ନିଜର ସୀମାରେଖା ବିଷୟରେ ଯିଏ ସଚେତନ, ସିଏ ନିଶ୍ଚୟ ନୀତିବାଦୀ।

## ଆଜିକାଲି



ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଳାଦିବ ନିଯୋଜିତଃ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ହେ ହୃଷିକେଶ ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୂଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ୍ୟ ଲୋକମାନେ କାହା ପ୍ରେରଣାରେ ଏ ପାପ କରନ୍ତି ତାହା ମୋତେ କହନ୍ତୁ ।

# କନ୍ଦାଇଲାଣି ପିଆଜ

ଦିନକୁ ଦିନ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ମୂଲ୍ୟ ବଢ଼ିବାରେ ଲାଗିଛି । ଯଦ୍ୱାରା ଖାଉଟୀଙ୍କ ଉପରେ ଝଟକା ଲାଗିଛି । ଜୁଲାଇ ମାସର ମୁଦ୍ରାସ୍ଫୀତି ହାର ଗତ ୧୯ ମାସର ସର୍ବାଧିକ ସ୍ତରରେ ପହଂଚିଛି । ମୁଖ୍ୟତଃ ଖାଦ୍ୟ ମୁଦ୍ରାସ୍ଫୀତି ହାର ବୃଦ୍ଧିର ପ୍ରଭାବ ସାମଗ୍ରିକ ପାଇକାରୀ ମୂଲ୍ୟସୂଚୀକୁ ପ୍ରଭାବିତ କରିଛି । ପନିପରିବା, ଡାଲି, ତେଲ, ଚିନି ମସଲା ଆଦି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ପୁନଶ୍ଚ ଗରିବର ବନ୍ଧୁ ବୋଲି କୁହାଯାଉଥିବା 'ପିଆଜ'ର ମୂଲ୍ୟବୃଦ୍ଧି ଘଟି ୫୦ଟଙ୍କାକୁ ଛୁଇଁଛି । ଏହି ପିଆଜି ଖାଉଟୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ କନ୍ଦାଇଲାଣି । ପୂର୍ବରୁ ପିଆଜ କିଲୋପ୍ରତି ୩୦- ୩୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ଏହା ୫୦କୁ ଛୁଇଁଛି । ତେବେ ଖୁଚୁରା ଦୋକାନରେ ଦାମ୍ ଅଧିକା ରହିଥିବା କୁହାଯାଉଛି ଯାହାକି ଚିନ୍ତାର ବିଷୟ । ତେବେ ନାସିକରେ ପିଆଜର ଉତ୍ପାଦନ କମ୍ ହୋଇଥିବା ଯୋଗୁଁ ଓଡ଼ିଶା ବଜାରରେ ଏହାର ସିଧାର ସଳଖ ପ୍ରଭାବ ପଡୁଛି । ଓଡ଼ିଶା ପିଆଜ ପାଇଁ ସବୁବେଳେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଉପରେ ନିର୍ଭର କରିଆସୁଛି । ଯେତେତୁ ରାଜ୍ୟରେ ପିଆଜ ଉତ୍ପାଦନ ହେଉ ନାହିଁ ସେଥିପାଇଁ ମହାରାଷ୍ଟ୍ରର ନାସିକ ଠାରୁ ପିଆଜ ଆମଦାନୀ କରିବାକୁ ପଡୁଛି । ଚଳିତ ବର୍ଷ ନାସିକରେ ବହୁ ବିଳମ୍ବରେ ବର୍ଷା ହେବା ସହ ବନ୍ୟା ଯୋଗୁଁ ପିଆଜ ଚାଷ ବାଧାପ୍ରାପ୍ତ ଘଟିଛି । ସେଥିପାଇଁ ପିଆଜ ଉତ୍ପାଦନ କମ୍ ରହିଥିବା ଯୋଗୁଁ ଦରବୃଦ୍ଧି ହୋଇଛି । ନାସିକ ଯୋଗୁଁ ସର୍ବଭାରତୀୟ ସ୍ତରରେ ଦର ପରିବର୍ତ୍ତନ ହୋଇଛି । ଆଜି ଦେଶରେ ପିଆଜ ଦରରେ କୁଇଂଟାଲ ପିଛା ୪ହଜାରରୁ ୪୫ ଶହ ମଧ୍ୟରେ ରହିଛି । ଏଥିପାଇଁ ଉତ୍ପାଦନ ହ୍ରାସ ସହ ଦରବୃଦ୍ଧି ଯୋଗୁଁ ଓଡ଼ିଶାକୁ ପିଆଜ କମ୍ ମାତ୍ରାରେ ଆସୁଛି ଯେଉଁଥିପାଇଁ ପିଆଜ ଦରରେ ସତେ ଯୋପରି ନିଆଁ ଲାଗିଛି । ବଜାରରେ କେଜି ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଖୁଚୁରା ଦୋକାନରେ ତାହାକୁ ୬୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି । ଏହି ଦର ଏମିତି କେତେ ଦିନ ରହିବ ତାହା ଜାଣିବା କଷ୍ଟକର । ପିଆଜର ଦରବୃଦ୍ଧି ଯୋଗୁଁ ହାଣ୍ଡିଶାଳରେ ଗୃହିଣୀ ମାନଙ୍କୁ ପିଆଜ ଯେପରି କନ୍ଦାଉଛି । ପିଆଜ ସହିତ ଚିନିର ମୂଲ୍ୟବୃଦ୍ଧି ଯୋଗୁଁ ଛୋଟ ଛୁଆ ଠାରୁ ଆରମ୍ଭ କରି ବୟସ୍କ ମାନଙ୍କ ଉପରେ ଶକ୍ତ ଧକ୍କା ଲାଗିଛି । କୁହାଯାଉଛି ଯୁଦ୍ଧ ଯୋଗୁଁ ସମସ୍ତ ଦ୍ରବ୍ୟର ଦରବୃଦ୍ଧି ହେବା ଏବଂ ଉତ୍ପାଦନ ହ୍ରାସ ହେବା ମୁଖ୍ୟ କାରଣ ବନିଛି । ଏପରି ଯଦି ଦରବୃଦ୍ଧି ଆଗକୁ ରହିବ ତେବେ ପରିସ୍ଥିତି ନିଶ୍ଚିତ ଅଣାୟତ ହୋଇ ପଡ଼ିବ ଏଥିରେ ସନ୍ଦେହ ନାହିଁ ।

## ଗୃହିଣୀଙ୍କ ପାଇଁ...



ଘରେ ରାନ୍ଧିବା ସମୟରେ ବା କ୍ଷୀର ଗରମ କରିବ, ଚା କରିବା ସମୟରେ ଯଦି ବାସନଟି ପୋଡ଼ି ଯାଇଥାଏ ତାହାଲେ ଗୃହିଣୀ ମାନେ ଅଯଥାରେ କଷ୍ଟ ପାଇଥାନ୍ତି ପୋଡ଼ିଯାଇଥିବା ବାସନକୁ ସଫା କରିବା ପାଇଁ । କିନ୍ତୁ ଏହି ପୋଡ଼ା ବାସନକୁ ଅତି ସହଜରେ ଆମେ ସଫା କରିପାରିବା ପିଆଜକୁ ନେଇ । ପ୍ରଥମେ ପୋଡ଼ା ବାସନ ଭିତରେ ଗୋଟେ ପିଆଜକୁ ଟିକଟିକ କରି କାଟି ଚୋପା ସହ ପକାଇ ପାଣି ଦେଇ ଚୁଲିରେ ଫୁଟାଇବା । କିଛି ସମୟ ଫୁଟି ଗଲା ପରେ ସେହି ବାସନରେ ସର୍ଫ ହେଉ କିମ୍ୱା ସାବୁନକୁ ଟିକଟିକ କରି କାଟି ସେଥିରେ ପକାଇ ଢ଼ାଙ୍କୁଣୀ ଦେଇ କିଛି ସମୟ ଫୁଟାଇ ସାରିବା ପରେ ଦେଖିବେ ଚାମଚ କିମ୍ୱା ଖୁସୁଣୀ ସାହାଯ୍ୟରେ ଆସ୍ତେ ଆସ୍ତେ କୋରିଲେ ପୋଡ଼ି ଯାଇଥିବା କଳାଗୁଡ଼ିକ ସହଜରେ ବାହାରି ଆସିବ ଏବଂ ପରେ ବାସନ ମଜା ସାହଯ୍ୟରେ ଘସି ଦେଲେ ବାସନଟି ଚିକ୍ ଚିକ୍ କରିବ ।

## ଜନ୍ମ ଜୟନ୍ତୀ ଅବସରରେ

# ବିଶ୍ୱ ଜନନୀ ମଦର ଟେରେସା

◆ ଡ଼ଃ.ଅରୁନ୍ଧତୀ ଦେବୀ

ଭାରତ ପରି ସାମ୍ୟ, ମୈତ୍ରୀ, ଶାନ୍ତି ଓ ସମତାର ପବିତ୍ର ପୀଠସ୍ଥଳୀରେ ଭାରତ ବାହାରର ଜଣେ ତଥାକଥିତ ବିଦେଶିନୀ ନିଜ ଜନ୍ମଭୂମି ଯୁଗୋସ୍ଲୋଭିଆର ଆଭିଜାତ୍ୟ ପରିବାରର ସୁଖ ଆନନ୍ଦକୁ ଛାଡ଼ି ମାତ୍ର ବାର ବର୍ଷ ବୟସ ବେଳେ ନିଜ ଜୀବନକୁ ସେବାମୟ ଚିନ୍ତନରେ ଉତ୍ସର୍ଗ କରିବା ପାଇଁ ମିଶନାରୀ ସଂସ୍ଥାରେ ଯୋଗ ଦେଇଥିଲେ । କହିବାକୁ ଗଲେ କଣ୍ଢେଇ ଖେଳିବାର ବୟସରେ ସେ ସେବାକୁ ନିଜ ଜୀବନର ଧର୍ମଭାବେ ବ୍ରତ ଗ୍ରହଣ କରିଥିଲେ । ଆଉ ସେଇଥିପାଇଁ ୧୯୩୧ମେ ୨୪ ତାରିଖରେ ଦାର୍ଜିଲିଂରେ ପହଂଚ୍ ସେ ନନ୍‌ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ । ସେହିଦିନ ଠାରୁ ତାଙ୍କର ପିଲାଦିନର ନାମ ଆଗ୍ନେସ ଗୋନ୍‌ସ୍କା ବେଜାସୁ ବିସ୍ମୃତି ଗର୍ଭରେ ଲୋପପାଇଲା । ଟେରେସା ନାମରେ ସେ ପରିଚିତ ହେଲେ । ପ୍ରଥମେ ସନ୍ନ୍ୟାସିନୀ ଜୀବନର ବ୍ରତ ଭାବରେ ପ୍ରଥମେ ଏକ କନଭେଂଟ ସ୍କୁଲର ଶିକ୍ଷୟିତ୍ରୀ ଭାବରେ ପ୍ରାୟ କୋଡ଼ିଏ ବର୍ଷ କାଳ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ । ସେ ଲୋରେଟୋ କନ୍‌ଭେଂଟ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ । ତେବେ ତାଙ୍କ ମନ ଭିତରେ ଯେପରି କିଏ କହୁଥିଲା ଟେରେସା, ତୁମେ ଚାଲିଆସ ଟେରେସା, ତୁମରି ସ୍ନେହପାଇଁ, ତୁମରି ସେବା ପାଇଁ ଅସଂଖ୍ୟ ଦୀନଦରିଦ୍ର, ଦଳିତ ଦରମଲା ପ୍ରତୀକ୍ଷା କରି ରହିଛନ୍ତି । ସେହି ବାଣୀର ପ୍ରେରଣାରେ ସତକୁ ସତ ଟେରେସା ଚର୍ଚ୍ଚର ସୀମିତ ପରିବେଶ ମଧ୍ୟରୁ ନିଜକୁ ମୁକ୍ତ କରି ଆଉ ଏକ ବ୍ୟାପକତାର ଜୀବନକୁ ବରଣ କରିନେଲେ । ନିରାଶ୍ରୟ ଓ ନିଃସହାୟମାନଙ୍କର ସେବା କରିବା ଉଦ୍ଦେଶ୍ୟରେ ୧୯୪୮ରେ ସେ ପାଟନାକୁ ଚାଲିଗଲେ । ସେଠାରେ ବହୁ କୁଷ୍ଠ ଓ ଯକ୍ଷ୍ମାରୋଗୀଙ୍କର ସେବା କରିବା ପରେ ସେ କଲିକତାକୁ ଫେରିଆସିଲେ । ନିଜେ ଗୋଟିଏ ସେବାସଦନ ନିର୍ମାଣ କରି ମୁମୂର୍ଷୁମାନଙ୍କର ସେବା କରିବା ନିମିତ ସେ ନିଜର କର୍ତବ୍ୟ ବୋଲି ଜ୍ଞାନ କଲେ । ମୋତିଝିଲର ଏହି ଅନୁଭୂତି ହୁଏତ ତାଙ୍କର ସେବାସଦନକୁ ମୋତିଝିଲରେ ନିର୍ମାଣ କରିବାର ପ୍ରେରଣା ଦେଇଥିଲା । ନଅ ଫୁଟ ଓସାର ଓ ନଅ ଫୁଟ ଲମ୍ୱା କୋଠରିକୁ ସେ ପାଂଚ ଟଙ୍କାରେ ଭଡ଼ା ନେଲେ । ତାହା ହିଁ ହେଲା ତାଙ୍କର ସେବା ଜୀବନର ପ୍ରଥମ କର୍ମପୀଠ । ଅବଶ୍ୟ ଧୀରେ ଧୀରେ ଅବସ୍ଥାର ପରିବର୍ତ୍ତନ ହେବାକୁ ଲାଗିଲା । ଏହି ସମୟରେ ମିସନାରିଜ୍ ଅଫ୍ ଚାରିଟିଜ୍ ପକ୍ଷରୁ



ପାକିସ୍ଥାନକୁ ଚାଲିଯାଉଥିବା ଜଣେ ଧନୀ ମୁସଲମାନଙ୍କ ଗୃହ ଏକଲକ୍ଷ ଟଙ୍କାରେ କିଣାଯାଇ ତାହା ଟେରେସାଙ୍କର ବ୍ୟବହାର ପାଇଁ ଦିଆଯାଇଥିଲା । ଧୀରେ ଧୀରେ ଟେରେସା ମା'ର ଭୂମିକା ଗ୍ରହଣ କରି ମଦର ଟେରେସା ଭାବରେ ନିଜର କର୍ତବ୍ୟପଥରେ ଅଗ୍ରସର ହେବାକୁ ଲାଗିଲେ । ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ, ସଂପ୍ରଦାୟ, ଗୋଷ୍ଠୀ, ମତବାଦ ତଥା ରାଜନୈତିକ ଚିନ୍ତାଧାରା ନିର୍ବିଶେଷରେ ସେ ମଣିଷର ସେବା ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିଦେଲେ । ପରମଯୋଗକୁ ନିଜ ଜୀବନର ଧର୍ମ ଭାବରେ ସେ ଗ୍ରହଣ କରିଥିଲେ । ମୁମୂର୍ଷୁ ମାନଙ୍କର ପୀଡ଼ିତର ଯନ୍ତ୍ରଣା ତାଙ୍କ ଛାତିକୁ କ୍ଷତ ବିକ୍ଷତ କରି ପକାଉ ଥିଲା । କେବଳ ମଣିଷ ଜାତିର ସେବା ପାଇଁ ସେ ତାଙ୍କ ଐଶ୍ୱର, କାରୁଣ୍ୟ ଓ ଯୌବନକୁ ସମର୍ପଣ କରିଦେଇଥିଲେ । ଜୀବନର ଶେଷ ମୁହୂର୍ତ ପର୍ଯ୍ୟନ୍ତ ମାନବ ଜାତିର ସେବା ପାଇଁ ସେ ଉଦ୍‌ବିଗ୍ନ ରହୁଥିଲେ । ଭାରତ ସରକାର ତାଙ୍କୁ ୧୯୮୦ ମସିହାରେ ତାଙ୍କ ଉତ୍ସର୍ଗୀକୃତ ସେବା ଓ ଭଲପାଇବା ପାଇଁ ଭାରତର ସବୁଠାରୁ ବଡ଼ ମର୍ଯ୍ୟାଦାଜନକ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । କେବଳ ସେତିକି ନୁହେଁ ଭାରତର ବହୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାୟତନ ତାଙ୍କୁ ସମ୍ମାନସୂଚକ ଉପାଧି ପ୍ରଦାନ କରିଥିଲେ । ଏହାର ପୂର୍ବରୁ ୧୯୭୯ ମସିହାରେ ତାଙ୍କ ସେବାପରାୟଣତା ପାଇଁ ପୃଥିବୀର ଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ପ୍ରଦାନ କରା ଯାଇଥିଲା । ସେ ସମୟରେ ସେ ଏହି ପୁରସ୍କାରରୁ ପାଇଥିବା ପନ୍ଦର ଲକ୍ଷ କୋଡିଏ ହଜାର ଟଙ୍କା ସେବାକାର୍ଯ୍ୟ ପାଇଁ ପ୍ରଦାନ କରିଦେଇଥିଲେ । ତାଙ୍କରି ଉଦ୍ୟମରେ ଭାରତରେ ବିଭିନ୍ନ ସ୍ଥାନରେ ଶହେତିନୋଟି ଦୁର୍ଗତ ଓ ଅସହାୟ ମାନଙ୍କ ପାଇଁ ଆଶ୍ରୟସ୍ଥଳ ଖୋଲାଯାଇଛି । ଯେଉଁଥିରେ ଦଶହଜାରରୁ ଉର୍ଦ୍ଧ୍ୱ ଅସହାୟ ନିପୀଡ଼ିତଙ୍କ ସେବା କରାଯାଉଛି । ଏହା ବ୍ୟତୀତ ଭାରତର ଷାଠିଏଟି ସ୍ଥାନରେ ବିଦ୍ୟାଳୟ ସ୍ଥାପନ କରି ପାଖାପାଖି ନଅ ହଜାରରୁ ଉର୍ଦ୍ଧ୍ୱର ଶିଶୁଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା ସହ ଦୁଇଶହ ତେରଟି ଚିକିତ୍ସା କେନ୍ଦ୍ରରେ ବାରହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ଚିକିତ୍ସା ପାଇଁ ବ୍ୟବସ୍ଥା କରିଛନ୍ତି । କହିବାକୁଗଲେ ତାଙ୍କରି ନିଷ୍ଠାର ସଫଳତାର ସେ ଥିଲେ ଏକ ଜୀବନ୍ତ ପ୍ରତୀକ । ୧୯୧୦ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ମହୀୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟେମ୍ବର ୫ ତାରିଖରେ ଜୀବନର ଅବସାନ ସାଧିତ ହେଲା । ତାଙ୍କର ନାମ ଆଗ୍‌ନେସନ୍ ଗୋନାସ୍କା - ଫୁଲର ପାଖୁଡ଼ା ନାମକୁ ସେ ସାର୍ଥକ କରିଛନ୍ତି । ମାନବର ବିଂଶ ଶତାବ୍ଦୀର ବିଶ୍ୱଯୁଦ୍ଧ କାଳିମାଗ୍ରସ୍ତ ଜୀବନ ତାଙ୍କର ସ୍ପର୍ଶରେ ପୂତ ପବିତ୍ର ହୋଇଛି । ତାଙ୍କର ମମତା ସ୍ନିଗ୍ଧ ପ୍ରାଣର ମହାନତାର ସିଂହାସନରେ ଅଧିଷ୍ଠିତ ହୋଇ ସେ ବିଶ୍ୱ ଜନନୀ ହୋଇଅଛନ୍ତି । ତାଙ୍କର ଜୀବନର ବାର୍ତାଥିଲା; ସେବା ଓ ପ୍ରାର୍ଥନା ମାଧ୍ୟମରେ ମଣିଷ ପବିତ୍ର ଜୀବନଯାପନ କରିବାକୁ ସମର୍ଥ ହେବ । ସତର ବର୍ଷରେ ଭାରତରେ ପଦାର୍ପଣ କରି ସତାଅଶୀ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ସତୁରି ବର୍ଷ କାଳ ସେ ସେବାକାର୍ଯ୍ୟରେ ନିଜକୁ ସମର୍ପଣ କରି ଈଶ୍ୱରଙ୍କୁ ପ୍ରାର୍ଥନା କରି ସେ ମାନବଜାତିକୁ ଯଥାର୍ଥ ଶିକ୍ଷା ପ୍ରଦାନ କରିଛନ୍ତି । ନିଃସ୍ୱ-ନିଃସହାୟ, ନିରନ୍ନ-ନିପୀଡ଼ିତ ସେବା ଈଶ୍ୱରପ୍ରାପ୍ତିର ପାବଛ ବୋଲି ତାଙ୍କର ସମଗ୍ର ଜୀବନକାଳରେ ସେ ପ୍ରତିପାଦନ କରିଛନ୍ତି ।



# ମହୀୟସୀ ମଦର : ସେବାର ମୂର୍ତ୍ତି, ମମତାର ପ୍ରତୀକ

ଆଜି ହେଉଛି ସେହି ପବିତ୍ର ଦିନ ଯେଉଁଦିନ ମଦର ଟେରେସାଙ୍କ ପରି ଜଣେ ମହୀୟସୀ ମହିଳା ଏ ଧରାପୃଷ୍ଠରେ ଅବତରଣ କରିଥିଲେ । ସମଗ୍ର ବିଶ୍ୱବାସୀ ଏବେ ବେଶ୍ ଚଳଚଂଚଳ ମଦର ଟେରେସାଙ୍କ ଜନ୍ମ ଉତ୍ସବକୁ ପାଳନ କରିବା ପାଇଁ । ଗରିବ, ନିଃସ୍ୱ, ଅନାଥ, ଦରିଦ୍ର, ଅସହାୟଙ୍କ ପାଇଁ ଯାହାର ହୃଦୟ ସବୁବେଳେ କାନ୍ଦୁଥିଲା ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ସମସ୍ତଙ୍କ ଆଦରଣୀୟ ମା' ମଦର ଟେରେସା । ଯାହାର ସାରା ଜୀବନ କଟିଯାଇଥିଲା ଅନାଥ, ଅସୁସ୍ଥ ରୋଗୀ, ଗରିବଙ୍କ ସେବାରେ । ନ୍ତମାନବ ସେବା ହିଁ ଈଶ୍ୱରଙ୍କ ସେବା'କୁ ସେ ଜୀବନର ମନ୍ତ୍ର ବୋଲି ଧରି ନେଇଥିଲେ । ଗରିବ, ନିଃସ୍ୱ, ଅସହାୟଙ୍କ ପ୍ରତି ତାଙ୍କର ଅସାଧାରଣ ତଥା ଅହେତୁକ ଭଲପାଇବା ଯୋଗୁଁ ତାଙ୍କୁ ନ୍ତସେ□ ଅଫ୍ ଦ ଗଟର' ବୋଲି ମଧ କୁହାଯାଇଥାଏ । ତାଙ୍କର ସାରା ଜୀବନ ସେମାନଙ୍କର ସେବାରେ ହିଁ ଉତ୍ସର୍ଗୀକୃତ ଥିଲା । ସେଥିପାଇଁ ତାଙ୍କୁ ୧୯୭୯ ମସିହାରେ ନୋବେଲ ଶାନ୍ତି ପୁରସ୍କାର ଓ ୧୯୮୦ରେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ଉପାଧିରେ ଭୂଷିତ କରା ଯାଇଥିଲା । ମା ଟେରେସାଙ୍କ ଶୈଶବ ଅନେକାଂଶରେ ରହସ୍ୟମୟ । ଅନେକ ପ୍ରଶ୍ନର ଉତର ଖୋଜିଲେ ମିଳେନା । ସେ ବିଶେଷ ପାଠ ପଢ଼ି ନଥିଲେ । ତାଙ୍କ ଶିକ୍ଷା ଦୀକ୍ଷା ଅଳ୍ପ କିଛି ଖ୍ରୀଷ୍ଟୀୟ ଶାସ୍ତ୍ର ମଧ୍ୟରେ ସୀମିତ ଥିଲା । ଏହା ସତ୍ତ୍ୱେ ସେ ଶତାଧିକ ବିଦ୍ୟାଳୟ ସ୍ଥାପନ କରି ହଜାର ହଜାର ବସ୍ତି ପିଲାଙ୍କୁ ଶିକ୍ଷିତ କରାଇଥିଲେ । ୧୯୧୦ରେ ଆଲବନିଆର ସ୍କୋପ୍‌ଜିରେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ମୂଳ ନାମ ଆଗ୍ନେସ । ୧୮ ବର୍ଷ ବୟସରେ ଘର ଛାଡ଼ି ସେ ଆସିଥିଲେ ଭାରତକୁ ଏବଂ ନିଜକୁ ସାମିଲ କରିଥିଲେ ସେବା କାର୍ଯ୍ୟରେ । ୧୯୨୯ରେ କୋଲକତା କଥା ଭାବନ୍ତୁ । ଅଧିକାଂଶ ବିଦେଶୀ ମିସନାରୀ ସ୍ୱଦେଶ ଫେରି ପାରୁନଥିଲେ । ଏଠାକୁ ଆସିବା ପରେ ଟେରେସାଙ୍କ କ୍ଷେତ୍ରରେ ବି ତାହା ଘଟିଥିଲା । କୋଲକତାର 'ସିଷ୍ଟର୍ସ ଅଫ୍ ଲୋରେଟୋ'ରୁ ସେ ଆରମ୍ଭ କରିଥିଲେ ନିଜର ଉତ୍ସର୍ଗୀକୃତ ସେବା ଜୀବନ ଏବଂ ସଂପୂର୍ଣ୍ଣ ଭାବେ ମିଶିଯାଇଥିଲେ ଏଠାକାର ପାଣି ପବନରେ । ୧୯୪୮ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ ଅନେକଟା ସୀମିତ ଥିଲା । କିନ୍ତୁ ସେ ଏକାଧିକ ଭାଷା ଆଦି ଶିକ୍ଷାକରି ସାଧାରଣ ଲୋକଙ୍କ ନିକଟତର ହୋଇଥିଲେ ନିଜକୁ । ପିନ୍ଧୁଥିଲେ ଶସ୍ତା ସୂତା ଶାଢ଼ି, ନଗରପାଳିକା ମହିଳା ଝାଡୁଦାରଙ୍କ ପରି । ସେହି ବର୍ଷ ବିନା ଚୌକିମେଜରେ ବସ୍ତି ପିଲାଙ୍କ ପାଇଁ ଖୋଲିଥିଲେ ପ୍ରଥମ ବିଦ୍ୟାଳୟ । ଧୀରେ ଧୀରେ ତାଙ୍କ ଉପସ୍ଥିତି ସମସ୍ତେ ଅନୁଭବ କରିଥିଲେ ଏବଂ ଅନେକ ତାଙ୍କ ସହ ସାମିଲ ହେବାରେ ଲାଗି ଥିଲେ । ଆଉ ପ୍ରସାରିତ ହେଇ ଚାଲିଥିଲା ତାଙ୍କ କାର୍ଯ୍ୟ ପରିସର । ପଶ୍ଚିମବଙ୍ଗର ଦୁଇ ପ୍ରମୁଖ ରାଜନୈତିକ ବ୍ୟକ୍ତିତ୍ୱ ବିଧାନ ଚନ୍ଦ୍ର ରଏ ଏବଂ ଜ୍ୟୋତି ବସୁଙ୍କ ସହ ତାଙ୍କର ଅନ୍ତରଙ୍ଗ ସଂପର୍କ ଥିଲା । ତାଙ୍କ ଭାଷାରେ ସେ ହିନ୍ଦୁକୁ ଭଲ ହିନ୍ଦୁ, ମୁସଲମାନକୁ ଭଲ ମୁସଲ୍‌ମାନ ଏବଂ ଶିଖ୍‌କୁ ଭଲ ଶିଖ୍ ସ୍ତରକୁ ନେବା ପାଇଁ । ଯିଏ ଭଗବାନଙ୍କୁ ପାଇବ, ସେ ନିଜେ ନିଜର ଧର୍ମ ସ୍ଥିର କରିବ, ଏହା ଥିଲା ତାଙ୍କର ବିଶ୍ୱାସ । ହଜାର ହଜାର ଗରିବଙ୍କ ମୁହଁରେ ସେ ହସ ଫୁଟାଇବା ପାଇଁ ଖୁବ୍ କମ୍ ବୟସରେ ସେ ଆଲବାନିଆରୁ ଆସି ଭାରତର କୋଲକତାକୁ ନିଜର କର୍ମସ୍ଥଳୀ ରୂପେ ବାଛି ନେଇଥିଲେ । ଦୀର୍ଘ ୪୫ ବର୍ଷ ଧରି ନିରବଛିନ୍ନ ଭାବେ ସେବା କରି ଆସିଥିଲେ ଅନାଥ, ଅସୁସ୍ଥ ଓ ନିରାଶ୍ରୟ ଲୋକ ମାନଙ୍କୁ । ସେ ୧୯୨୯ ମସିହାରେ ଏଠାକୁ ଆସିଥିବା ବେଳେ ୧୯୪୮ରେ ଭାରତର ନାଗରିକତ୍ୱ ଗ୍ରହଣ କରିଥିଲେ । ପରେ ୧୯୫୦ ମସିହାରେ ଦାତବ୍ୟ ମିସନାରୀ ପ୍ରତିଷ୍ଠା କରିଥିଲେ । ତାଙ୍କର ଏହି ଅନୁଷ୍ଠାନ କେବଳ ଯେ ଭାରତରେ ସୀମିତ ନାହିଁ ବିଶ୍ୱର ଅନ୍ୟ ସ୍ଥାନରେ ମଧ ରହିଅଛି । ବର୍ତମାନ ସୁଦ୍ଧା ୪ ହଜାରରୁ ଅଧିକ ନନ କାର୍ଯ୍ୟରତ ଥିବା ବେଳେ ଏହାର ୭୦୦ଟି ଶାଖା ରହିଅଛି । ବିଭିନ୍ନ ବ୍ୟକ୍ତିବିଶେଷ, ସଂଗଠନ ଏବଂ ସରକାରୀ ସ୍ତରରେ ସେ ବହୁବାର ପୁରସ୍କୃତ ମଧ ହୋଇଛନ୍ତି । ସମଗ୍ର ବଶ୍ୱରେ ଶାନ୍ତି ଓ ମୈତ୍ରୀର ବାର୍ତା ପ୍ରଚାର କରି ଆସିଥିଲେ ମଦର ଟେରେସା । ୧୯୧୦ ମସିହା ଅଗଷ୍ଟ ମାସ ୨୬ ତାରିଖରେ ଅଧୁନା ମ୍ୟାସିଡ଼ୋନିଆ ରିପବ୍ଲିକ ରାଜଧାନୀ ସ୍କୋପଜୀଠାରେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୯୭ ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ଦାନ ବାବଦରେ ତାଙ୍କ ଯୁକ୍ତି ଥିଲା ସମସ୍ତଙ୍କର ଦେବାର ଅଧିକାର ରହିଛି : କାହାକୁ କାହିଁକି ସେଥିରୁ ବଂଚିତ କରିବା । ଦାତା ଭଲ କି ମନ୍ଦ, ତାହା ବିଚାର କରିବା ଭଗବାନଙ୍କ କାମ, ତାଙ୍କର ନୁହେଁ ଅତ୍ୟନ୍ତ ସରଳ ଓ ନିଃସ୍ୱାର୍ଥପର ଥିବାରୁ, ତାଙ୍କୁ ସବୁ ସମୟର ଶକ୍ତିଶାଳୀ ଓ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଗଣାଯାଏ ।

# ସେବା ଓ ଶାନ୍ତିର ଦେବୀ- ମଦର ଟେରେସା

ଦୁଃସ୍ଥ, ପୀଡିତ,ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ । ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀ ମାନଙ୍କ ଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ । ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ । ସେ ସମସ୍ତ ବିକାର ଓ ଘୃଣାକୁ ଭୂଲି ଲାଗି ପଡନ୍ତି ପିଡୀତର ସେବାରେ । ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତି । ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ (ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍ଲୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ । ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥଲିକ ଖ୍ରୀଷ୍ଟିୟାନ । ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତ ଥିଲେ । ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା) । ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି । ମଦର ଟେରେସାଙ୍କୁ ଯେତେ ବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା । ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ । ଦାରିଦ୍ର ଜାଳ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗି ରହିଥିଲା ହସ । ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ । ସେ ଛୋଟବେଳରୁ ସତ୍ୟ, ଶାନ୍ତି,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବା ଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ । ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ । ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା । ମାତାଙ୍କ ଅନୁମତି ନେଇ ସେ ଲୋରେଟା ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ । ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ । ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା । ୧୯୨୯ ମସିହାରେ ଦାର୍ଜିଲିଂଠାରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉ ଥିଲେ । କିନ୍ତୁ ଦୁଃସ୍ଥ ଓ ପିଡିତ ମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା । ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ । ତେଣୁ ଲୋରେଟୋ ଉଚ୍ଚ ବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ



ବିନିଯୋଗ କଲେ । ହାତରେ ପାଂଚ ଟଙ୍କା ଧରି ବସ୍ତିଲୋକଙ୍କର ସେବା ଆରମ୍ଭ କରିଦେଲେ । ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସଂ ତାଲିମ ନେଲେ । ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା । ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ । ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶୃଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇ ଥିଲେ ଦୁଇଟି ଡର୍ମିଟାରୀ । ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ । ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରି ଦେଲେ । ପ୍ରତିବାଦକାରୀ ମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ । ବହୁ ଲୋକ ସହଯୋଗର ହାତ ବଢାଇ ଦେଲେ । ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖି ଥାଆନ୍ତି । ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକ ମାନଙ୍କର ସେବା କରିବା ତାଙ୍କର କର୍ତବ୍ୟ । 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତନଗର । ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ । ମଦର ଟେରେସାଙ୍କର ସେବା କରିବାର ପରିଷର ଅତି ବ୍ୟାପକ । ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗି ପଡିଥିଲେ । ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା । ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି । ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗ୍‌ସେସେ ପୁରସ୍କାର' । ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ଢଢଓଓ ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆୱାର୍ଡ' 'ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', 'ମେଟେର୍ ଏଟ୍ ମାଜିଷ୍ଟ୍ରା ଆୱାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ । ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ । କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ ନ୍ତ ଆଲବେନିଆ ସ୍ୱର୍ଣ୍ଣ ସମ୍ମାନନ୍ତ ପ୍ରଦାନ କରିଥିଲେ । ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ । ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା । ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି'ର ହେଡକ୍ୱାଟର 'ମଦର ହାଉସକୁ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।





# ଲାୟନ୍ସ କ୍ଲବ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା



ବାରିପଦା : ପ୍ରତିବର୍ଷର ପରମ୍ପରାକୁ ଅବ୍ୟାହତ ରଖି ଲାୟନ୍ସ କ୍ଲବ ବାରିପଦା ପକ୍ଷରୁ ଆଜି ବାରିପଦା ଠାରେ ବାର୍ଷିକ ଆନ୍ତଃ-ବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି. ଏହି ପ୍ରତିଯୋଗିତା ରେ ୧୩ଟି ବିଦ୍ୟାଳୟରୁ ୪୩ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ. ଚଳିତ ବର୍ଷ ପ୍ରତିଯୋଗିତାରେ ଏକ ନୂତନ ଓ ସୃଜନଶୀଳ ବିଷୟବସ୍ତୁ ଉପରେ ଚିତ୍ରାଙ୍କନର ସୁଯୋଗ ଦିଆଯାଇଥିଲେ. ଏହି ଅବସରରେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ରକଳା ପିଲାଙ୍କର ସୃଜନ ଶିଳତା ବୃଦ୍ଧି କରିଥାଏ ବୋଲି କହିଥିଲେ. ଅଂଶଗ୍ରହଣକାରୀ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ରହି ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ. ପ୍ରତିଯୋଗିତାରେ ସଞ୍ଜନା ମହାନ୍ତ ପ୍ରଥମ, ଦେବାଶିଷ ଗିରି ଦ୍ୱିତୀୟ ଏବଂ ଇନ୍ଦ୍ରନୀଲ ଭୌମିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ. ଲାୟନ୍ସ କ୍ଲବର ବରିଷ୍ଠ ତଥା ପୂର୍ବତନ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ. ଏହି ପ୍ରତିଯୋଗିତାର ବିଜେତା ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି.

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ପ୍ରସ୍ତୁତି

ସୁବର୍ଣ୍ଣପୁର : (ହି.ସ.) – ସୁବର୍ଣ୍ଣପୁର ଜିଲ୍ଲାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଜାଗା ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଓ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବା ଉପରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋନପୁର ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଏଡିଏମ୍ ଶ୍ରୀ ରାଜେନ୍ଦ୍ର ମାଝୀ, ଏଡିଏମ୍ ଅଞ୍ଜଳିନା ପଧାନ, ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟରୂପା ରଥ, ବୀର ମହାରାଜ ପୁର ଉପ ଜିଲ୍ଲାପାଳ, ସୋନପୁର ବିଡିଓ ପ୍ରତୀକ କର ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ବକୁଳ ବନ ବିଦ୍ୟାଳୟରେ ଶିକ୍ଷକତା କରିଥିବା ଗୋଦାବରୀଶ ମିଶ୍ର ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଥିଲେ ବୋଲି କହି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଓ ପ୍ରତିଭା ଚିହ୍ନଟ କରିବା ଲକ୍ଷ୍ୟନେଇ ଏ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଥିବା ବିଷୟ ପ୍ରକାଶ କରିଥିଲେ । ଜିଲ୍ଲାରେ ୧୦୯ ଗୋଟି ପଂଚାୟତରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଖୁବ୍‌ଶୀଘ୍ର ୫ ଏକର ଲେଖାଏଁ ସରକାରୀ ଜମି ଚିହ୍ନଟ କରି ଖୁବ୍‌ଶୀଘ୍ର ଏହି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିବାକୁ ସଭାରେ ଉପସ୍ଥିତ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ସମସ୍ତ ବିଇଓ, ତହସିଲଦାର, ଅତିରିକ୍ତ ତହସିଲଦାର, ଆର୍‌ଆଇ ପ୍ରମୁଖ ରାଜସ୍ୱ ଓ ଶିକ୍ଷା ବିଭାଗର ସମସ୍ତ ଅଧିକାରୀ କର୍ମଚାରୀଙ୍କୁ ଜିଲ୍ଲାପାଳ ଡ଼ ସାହୁ ନିର୍ଦ୍ଦେଶ ଦେଇଥିଲେ ।

# ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୮୬ ତମ ଜୟନ୍ତୀ ପାଳିତ




ବାରିପଦା : ବିଶିଷ୍ଟ ସର୍ବୋଦୟ ନେତା ସ୍ୱର୍ଗତଃ ପ୍ରଶାନ୍ତ ମହାନ୍ତିଙ୍କ ୮୬ ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଜାଗରଣ ମଂଚ, ମୟୁରଭଞ୍ଜ କଲେଜ ଅଫ ଏକାଉଟେନସି ଏଣ୍ଡ ମେନେଜ ମେଂଟ ଏବଂ ବିନୋବା ସ୍ମାରକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମହାରାଜପୁର ସ୍ଥିତ ଏମସିଏଏମ କଲେଜ ପରିସରରେ ପାଳିତ ହୋଇ ଯାଇଛି. ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରଶାନ୍ତ ମହାନ୍ତିଙ୍କ ସହକର୍ମୀ ଶରତ ଚନ୍ଦ୍ର ନାୟକ, ମୟୁରଭଞ୍ଜ କଲେଜ ଅଫ ଏକାଉଟେନସି ଏଣ୍ଡ ମେନେଜ ମେଂଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସନ୍ଥ ବଇଦୁ ବାବା, କୀର୍ତି କୌଶିକ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତି ଚାରଣ କରି ସନ୍ଥ ବିନୋବାଙ୍କର ଭୂଦାନ ଆନ୍ଦୋଳନରେ ପ୍ରଶାନ୍ତ ମହାନ୍ତିଙ୍କର ତ୍ୟାଗପୂତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ. କାର୍ଯ୍ୟକ୍ରମରେ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କ ସହିତ କଲେଜର ଛାତ୍ର ଛାତ୍ରୀ ମାନେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ.

# ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ-୨୦୨୬କୁ ରଦ୍ଦ କରିବା ଦାବିରେ ପଥପ୍ରାନ୍ତ ସଭା

ଭଦ୍ରକ : (ହି.ସ.) - ଓଡିଶା ବିରୋଧୀ ଖଣି ଓ ଖଣିଜ ପଦାର୍ଥ ବିକାଶ ନିୟମ ଆଇନ- ୨୦୨୬କୁ ରଦ୍ଦ କରିବା ଦାବିରେ ଇଣ୍ଡିଆ ମେଂଟର ଅନ୍ତର୍ଭୁକ୍ତ ଜାତୀୟ କଂଗ୍ରେସ, ସିପିଆଇଏମ, ସିପିଆଇ, ସିପିଆଇଏମଏଲ ଲିବରେସନ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକ, ଚରଂପା ଓ ପୁରୁଣାବଜାର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାଗୁଡିକରେ ପୂର୍ବତନ ସାଂସଦ ପଂଚାନନ ମଣ୍ଡଳ, କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇଏମଏଲ ଲିବରେସନ ଜିଲ୍ଲା ସଂପାଦକ ସମର ବଳ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ମହିଳା କଂଗ୍ରେସ ନେତ୍ରୀ ଶର୍ମିଷ୍ଠା ପଣ୍ଡା, ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକ, ଗିରିଧାରୀ ନାଥ, କଂଗ୍ରେସ ନେତା ରାଜେନ୍ଦ୍ର ଜେନା, କଂଗ୍ରେସ ନେତା ପିତବାସ ଜେନା, ଯୁବ କଂଗ୍ରେସ ଜିଲ୍ଲା ସଭାପତି ବଳରାମ ରାଉତ ପ୍ରମୁଖ ଯୋଗଦେଇ ଓଡିଶା ର ରାଜସ୍ୱ ସ୍ଥିର କରିବାର ସାମ୍ବିଧାନିକ ଅଧିକାର କୁ ମୋଦି ସରକାର ଛଡାଇ ନେବା ପାଇଁ ଯେଉଁ ପଥ ବାଛିଛନ୍ତି ତାକୁ ନିନ୍ଦା କରିବା ସହ ଏମ ଏମ୍ ଡି ଆର ସଂଶୋଧନ ଆଇନ ବାତିଲ କରିବାକୁ ଦାବି କରିଥିଲେ ।

# ଚୋରି ସାମଗ୍ରୀର ହବ୍ ପାଲଟିଛି ଜୟପୁର କବାଡିଆ

ଜୟପୁର : (ହି.ସ.)- ଭଙ୍ଗା, ଦଦରା ଲୁହା, ପ୍ଲାଷ୍ଟିକ ଅଦରକାରୀ କାଗଜ କିଣାବିକା କରିବା ଲାଗି କୋରାପୁଟ ଜିଲ୍ଲା ଜୟପୁର ସହର ଗଢି ଉଠିଛି କବାଡିଆ ଦୋକାନ । ବାସ୍ତବ କ୍ଷେତ୍ରରେ କିଛି ଅସାମାଜିକ ଶ୍ରେଣୀର ବ୍ୟକ୍ତି କମ୍ ମଜୁରୀ ପ୍ରଦାନ କରି ଗରିବ ଶ୍ରେଣୀର କୋମଳମତି ଶିଶୁମାନଙ୍କୁ ହେଉ କିମ୍ବା କିଛି ମାନସିକ ବିକୃତ ଲୋକଙ୍କୁ ନିଶା ଦେଇ ଭଙ୍ଗା, ଦଦରା ଲୁହା ଟିଣ, ପ୍ଲାଷ୍ଟିକ ସଂଗ୍ରହ କରିବାକୁ ପଠାଉଥିବା ବେଳେ ଅସଲରେ କିଛି ଅଲଗା ଉଦ୍ଦେଶ୍ୟ ରହିଥିବାର ଜଣାପଡିଛି । ସମ୍ପୃକ୍ତ କିଛି ବ୍ୟକ୍ତି ବିଶେଷ ଗ୍ରାମାଚଂଳରେ ବିଳମ୍ବିତ ରାତ୍ରରେ ସରକାରୀ କଳ ସହ ବିଭିନ୍ନ ଯନ୍ତାଂଶ ଚୋରାଇ ସିଧାସଳଖ କବାଡିଆ ଦୋକାନରେ ବିକ୍ରି କରୁଛନ୍ତି । ଚୋରା ସାମଗ୍ରୀକୁ କବାଡିଆ ଦୋକାନ ମାଲିକ ମାନେ କିଲୋ ପିଛା ୨୦ରୁ ୨୫ ଟଙ୍କାରେ କିଣୁଥିବା ବେଳେ ସାମଗ୍ରୀର ଚାହିଦା ଅନୁସାରେ ବିଭିନ୍ନ ଗ୍ରାହକଙ୍କୁ ବିକ୍ରି କରିଥାନ୍ତି । ଏପରିକି କିଛି ଗ୍ରାହକ ସୁଲଭ ମୂଲ୍ୟରେ ଘର କରଣା ସାମଗ୍ରୀ କିଣିବା ଲାଗି ବିଭିନ୍ନ କବାଡିଆ ଦୋକାନ ମାନଙ୍କରେ ଭିଡ଼ ଜମାଉଥିବାର ନଜିର ରହିଛି । ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମାଚଂଳରୁ ଘରୁ ଚୋରି ହେଉଥିବା ବେଳେ ଛୋଟମୋଟ ଚୋରିକୁ କେନ୍ଦ୍ର କରି ଥାନାରେ ଏତଲା ଦେଇ ଅଯଥାରେ ହଇରାଣ ହରକତ ହେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଲୋକେ । ଏହାର ସୁଯୋଗ ନେଇ ବହୁ ଅସାମାଜିକ ଯୁବକ ଏହାର ଭରପୁର ଲାଭ ଉଠାଉଛନ୍ତି । କୋରାପୁଟ ଜିଲାର ଜୟପୁର, କୋଟପାଡ, ସେମିଳିଗୁଡା, କୋରାପୁଟ ଅଂଚଳରେ ଗଢି ଉଠିଥିବା କବାଡିଆ ଦୋକାନରେ ରାତି ରାତି ବିରାଟକାୟ ଚୋରା ଗାଡି ସବୁ ମେସିନ ସହାୟତାରେ କାଟି ଦେଉଛନ୍ତି । କିଛି ଦିନ ତଳେ ଟ୍ରାନସଫରମରର ତାରକୁ ତମ୍ବା ତାର ଚୋରି କରି ଅଂଚଳରେ କବାଡିଆ ଦୋକାନ ବିକ୍ରି କରୁଛନ୍ତି ଦୁର୍ବୃତ । ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ କେନାଲ ରୋଡରେ ଥିବା ଜଣେ କବାଡିଆ ଦୋକାନି ମାଲିକକୁ ଜୟପୁର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ ଲକ୍ଷ୍ମୀ ପଣ୍ଡା ଛକ ସ୍ଥିତ କବାଡିଆ ଦୋକାନର ମାଲିକକୁ ବାର ବାର ଗିରଫ କରିଛି ଜୟପୁର ସଦର ପୋଲିସ । ଚୋରି ସାମଗ୍ରୀ କବାଡିଆ ଦୋକାନରୁ ଜବତ ହୋଇଥିଲା । କୋରାପୁଟ ଜିଲା ପୋଲିସ ବଡ଼ ଧରଣର ଯାଂଚ୍ ସହ ଉପଯୁକ୍ତ କାଗଜପତ୍ରରେ କବାଡିଆ ଦୋକାନ ଚାଲୁଛି କି ନାହିଁ ଚଢ଼ଉ କରିବା ପାଇଁ ଜିଲାବାସୀ ଦାବି କରିଛନ୍ତି । ଘଟଣାକୁ ନେଇ ପୁଲିସ ପକ୍ଷରୁ କବାଡିଆ ଦୋକାନ ଗୁଡିକରେ ଅତର୍କିତ ଚଢଉ କରାଗଲେ ବହୁ ଚୋରା କାରବାରର ଗୁମର ଖୋଲିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବେହେରା ପାଲି ଠାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ବଲାଙ୍ଗୀର : (ହି.ସ.) ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର ବେହେରା ପାଲି ବଲାଙ୍ଗୀର ଠାରେ ଅନୁଷ୍ଠିତ ହେଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା । ଏହି ଶିବିର ରେ ସ୍ଥାନୀୟ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ୀ ଓ ଭୀମଭୋଇ ମେଡିକାଲ କଲେଜର ଡାକ୍ତର ସତ୍ୟବାନ ବେହେରା ଓ ଡାକ୍ତର ଧ୍ୟାନଚନ୍ଦ ବାରିକ ଏବଂ ରାଜେନ୍ଦ୍ର ଯୁବକ ସଂଘର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଏ.ପି.ଏମ୍. ରାମାନୁଜ ପଣ୍ଡା ଓ ୟୁ.ଡି.ଏମ୍. ଅନିଲ କୁମାର ମହାକୁର ତଦାରଖ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ୧୦୬ରୁ ଉର୍ଦ୍ଧ୍ୱ ବରିଷ୍ଠ ରୋଗୀ ମାଗଣା ସେବା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା ।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ପ୍ରଭାରୀଙ୍କ ଦୁଇଦିନିଆ ମାଲକାନଗିରି ଗସ୍ତ

ମାଲକାନଗିରି : (ହି.ସ.)- ପିଏମ୍ ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା, ଭାରତୀୟ ପ୍ରଶାସନିକ ସେବା, ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ପ୍ରଭାରୀ ପ୍ରଥମେ ମାଲକାନଗିରି ବ୍ଲକ ସ୍ଥିତ ସିନ୍ଧ୍ରୀମାଲ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିମେଳା ପରିଦର୍ଶନ କରିଥିଲେ ।ପରିଦର୍ଶନ ବେଳେ ସେ ବିଦ୍ୟାଳୟର ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନାଗାର, ଖେଳ ପଡିଆ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ହେଉଥିବା ପାଠପଢା କାର୍ଯ୍ୟକ୍ରମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଗସ୍ତ କାର୍ଯ୍ୟକ୍ରମ ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ ହୋଇଥିଲା । ବୈଠକରେ ଭାରତ ସରକାର ଙ୍କ ଯୁଗ୍ମ ସଚିବ ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନଙ୍କ ସହିତ ଆଲୋଚନା କରିଥିଲେ । ବୈଠକ ରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଅତିରିକ୍ତ ଜିଲ୍ଲା ପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗିରଥୀ ବେହେରା, ସମସ୍ତ ବ୍ଲକ୍ ର ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଓ ସମସ୍ତ ପି ଏମ ଶ୍ରୀ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ରହିଥିଲେ । ଏହି ଗସ୍ତରେ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ ଏବଂ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାଗଣା ସ୍ୱାସ୍ଥ୍ୟ ଶିବିର

ଜୟପୁର : (ହି.ସ.) – ଜୟପୁର ଟେଂଟ ହାଉସ ମାଲିକ ଏ. ରାମୁ, ଏସ୍. ରାଜୀବ କୁମାର ଓ ସଦସ୍ୟମାନଙ୍କ ମିଳିତ ଆନୁକୂଲ୍ୟରେ ବେଲ ରୋଡ଼ ସ୍ଥିତ ଟେଂଟ ହାଉସ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଡାକ୍ତର ସୁଜିତ କୁମାର ମିଶ୍ର ଉପସ୍ଥିତ ରହି ୨ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଚିକିତ୍ସା କରିଥିଲେ । ସମାଜସେବା ଓ ଜନକଲ୍ୟାଣ ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ସାନା ଶ୍ରୀନୁ, ବି. ଚନ୍ଦୁ ସନ୍ତୋଷ ପଟ୍ଟନାୟକ ଓ ସ୍ଥାନୀୟ ଅଂଚଳର ଶତାଧିକ ମାଗଣା ସ୍ୱାସ୍ଥ୍ୟ ସେବାର ସୁଯୋଗ ନେଇଥିଲେ । ଶୁଭମ କେଟରିଂ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଥିଲା ।

# ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ ଏବଂ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଅନାଥଙ୍କ ମାଆ ପାର୍ବତୀ ଗିରିଙ୍କ ଏକତିରିଶ ତମ ଶ୍ରାଦ୍ଧ ଉତ୍ସବ ରାଧାକୃଷ୍ଣ ମନ୍ଦିର ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେରେ ପାର୍ବଣରେ ଅବସରପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ ବିଶ୍ୱଜିତ ଦାସ ମୁଖ୍ୟଅତିଥି ଏବଂ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଡ. ପ୍ରେମଚାନ୍ଦ ମହାନ୍ତି ଏବଂ ଉପଦେଷ୍ଟା ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୀବନଦର୍ଶ ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଶ୍ରୀ ଦାସ ସମାଜରୁ ଦୁର୍ନିତିକୁ ହଟାଇ ଏକ ସୁନ୍ଦର ଓ ଦୁର୍ନିତିମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ଝାଙ୍କର ଅମୃତମୟ ସମାଜ ଗଠନରେ ନାରୀ ବିଷୟରେ ବକ୍ତବ୍ୟ ରଖି କହିଥିଲେ ଯେ ନାରୀକୁ ଆମେ ଯଥେଷ୍ଟ ସୁରକ୍ଷା ଦେଇ ପାରିଲେ ନାରୀ ନିଜେ ସ୍ୱୟଂସିଦ୍ଧା ହୋଇ ଆଗକୁ ବଢ଼ି ସମାଜକୁ ଅମୃତମୟ କରିପାରିବ ଏବଂ ନାରୀ ପ୍ରଗତି ବିନା ସମାଜ ସମୃଦ୍ଧ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ଅନାଥର ମାଆ ପାର୍ବତୀ ଗିରିଙ୍କୁ ବୁଝିବାକୁ ପଡ଼ିବ ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ମଦନ ମୋହନ ରଥ ସଂଗଠନର ୨୧ ବର୍ଷ ଜୟଯାତ୍ରା ସମ୍ପର୍କରେ କହିଥିଲେ । ସମ୍ପାଦକ ସୁନାଧର ବନଛୋର ବାର୍ଷିକ ବିବରଣୀ ପଠନ କରିଥିଲେ । ସଭାକୁ ମଧୁ ସାହୁ ପରିଚାଳନା କରିଥିଲେ । ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା ଓ ଅତିଥି ପରିଚୟ କବି ରତ୍ନମୟ ତ୍ରିପାଠୀ କରିଥିଲେ । ବିଶିଷ୍ଟ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ରଙ୍କୁ ମର୍ଯ୍ୟାଦାଜନକ ବହ୍ନିକନ୍ୟା ପାର୍ବତି ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ସୁରଜିତ କୁମାର ନାଏକ, ସୌମେନ୍ଦ୍ରୀ ବାରିକ, ଡା. ଦାମୋଦର ମିଶ୍ର, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ରାତ୍ର ବିଶ୍ୱାଲ, ସତ୍ୟବାଦୀ ନାଏକ, ଡା. କୃଷ୍ଣପ୍ରସାଦ ମିଶ୍ର, ଡ. ବି.ଏନ୍. ଶ୍ରୀକାନ୍ତ ପଟ୍ଟନାୟକ, ଅଜୟ ଅମର ସିଂଦେଓ, ସୁରେନ୍ଦ୍ର କୁମାର ପଟେଲ, ଦେବୀପଚାନ୍ଦ ବେହେରା, ପୁରନ୍ଦର ଗଡ଼ତ୍ୟା, ଶରତ ଚନ୍ଦ୍ର ଶତପଥି ଓ କବି ସନ୍ଦୀପ କୁମାର କୁଅଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଅତିଥିମାନେ ପାର୍ବତୀ ଗିରି ସେବା ସମ୍ମାନ ୨୦୨୬ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ମହାନ୍ତି, ପ୍ରଦୀପ ପଶାୟତ, କପିଳ ପତି, ଚୁଡ଼େନ୍ଦ୍ର ବେହେରା, ଦୁର୍ଗା ସାହୁ, ଶୁଭେନ୍ଦ୍ର ନେପାକ, ସୀତାଂଶୁ ନାୟକ, ରଶ୍ମିତା ପାତ୍ର, ଅରୁଣ ଖୁଆସ, ନନ୍ଦିନୀପ୍ରଭା ଶତପଥି, ସୁରଥ ସାହୁ, ନିରୁପମା ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଗୋପାଳଜୀ ଚୌଧୁରି, ମାଳତି ଉଦ୍‌ଗାତା, ଅର୍ଚ୍ଚନା ମିଶ୍ର, ଶାନ୍ତନୁ ମିଶ୍ର, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ସତ୍ୟବନ୍ତ ବେଦବାକ, ଡ. ଭବାନୀ ଶଙ୍କର ପଟେଲ, ସଂଯୁକ୍ତା ମିଶ୍ର, ମିନାକ୍ଷୀ ଗୁରୁ ଓ ସୌଦାମିନୀ ମିଶ୍ର ।

# ଜର୍ଜିଆଡି ୭-ଏ ସାଇଡ୍ ରଗବୀ ଟୁର୍ଣ୍ଣାମେଂଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ଐତିହାସିକ ବିଜୟ

ବାରିପଦା : କୋଲକାତା କ୍ରିକେଟ୍ ଆଣ୍ଡ୍ କୁଟବଲ୍ କ୍ଲବ୍, କୋଲକାତା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଷ୍ଠିତ ଜର୍ଜିଆଡି ୭-ଏ-ସାଇଡ୍ ରଗବୀ ଟୁର୍ଣ୍ଣାମେ[ରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ମହିଳା ରଗବୀ ଦଳ ଜବରଦସ୍ତ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ଚମ୍ପିୟାନ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ପୁରା ଟୁର୍ଣ୍ଣାମେ[ରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗର ସରସ୍ୱତୀପୁର ଦଳକୁ ୩୩-୦୦ ସ୍କୋରରେ ପରାସ୍ତ କରି ଚମ୍ପିୟାନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ଦଳରେ ରଜନୀ ଶବର, ସୋନୀ ମାଡାଙ୍ଗୀ,



ପାର୍ବତୀ କିସ୍କୁ, ପୁନମ ସିଂହ, ମାଲିନ ସୋଏ, ସୁନିତା ହାଁସଦା, ହିସୀ ଟୁଡୁ, ନମିତା ହେମ୍ବ୍ରମ, ଅମିଶାରାଣୀ ମାଝୀ, ମାହି ସୋରେନ, କନିକା ଟୁଡୁ, ମାମୁନି ହେମ୍ବ୍ରମଙ୍କ ସମେତ କୋଚ ଅଜିତ ହାଁସଦା, ଅଶୋକ ହାଁସଦା ଓ ଚନ୍ଦନ ସିଂ ଏବଂ ମ୍ୟାନେଜର ଫୁଲମଣୀ ପାଲେୟା ସାମିଲ ଥିଲେ ଓ ଖେଳାଳିମାନଙ୍କର କଠିନ ପରିଶ୍ରମ ଓ ସମର୍ପଣ ଏବଂ ଗୌରବମୟ ବିଜୟ ପାଇଁ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଗାଈ ଚୋରୀ ଅଭିଯୋଗ

ଚମ୍ପୁଆ : (ହି.ସ.) – ଚମ୍ପୁଆ ସ୍ଥିତ ମୌଲାନାଗୋଡ଼ା ଛକ ନିକଟରୁ ଏକ ଗାଈ ଚୋରୀ ହୋଇଯାଇଥିବା ଅଭିଯୋଗ ହୋଇଛି । ମୌଲାନାଗୋଡ଼ାର ଏମ୍‌ଡି ନିଜାମୁଦ୍ଦିନଙ୍କର ଏକ ଗାଈ ୩ ଜଣ ଦୁର୍ବୃର୍ତ ଏକ ଗାଡ଼ିରେ ଆସି ରାତି ପ୍ରାୟ ୧.୩୦ ମିନିଟ୍ ସମୟରେ ଗାଈକୁ ନେଇଯାଇଥିବା ଅଭିଯୋଗ ହୋଇଛି । ଗାଈଟିର ମୂଲ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ତେବେ ପୂର୍ବରୁ ମଧ୍ୟ ତଦନୁରୂପ ଗାଈ ଚୋରୀ ଏହି ଅଂଚଳର ଏକ ନିତି ଦିନିଆ ଘଟଣା । ଚମ୍ପୁଆ ବଜାର ଅଂଚଳରୁ ଏବଂ ଗ୍ରାମାଂଚଳରୁ ମଧ୍ୟ ସମୟ ସମୟରେ ଏହି ଲୁଟେରା ଦଳ ବୋଲେରୋ ଏବଂ ସ୍କର୍ପିଓ ଯୋଗେ ଚୋରୀ କରୁଥିବା ନଜିର ରହିଛି । ଏଦିଗରେ ଜିଲା ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି । ସୂଚନାଯୋଗ୍ୟକି ଚମ୍ପୁଆ ସହରାଂଚଳରେ ରାତ୍ରୀକାଳିନ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହିତ ଏକ ରାତ୍ରୀକାଳିନ ପୁଲିସ ଫାଣ୍ଡି ନିର୍ମାଣ କରିବାକୁ ଦାବୀ ହୋଇ ଆସୁଅଛି ।

# ଗୁରୁ ନିତ୍ୟାନନ୍ଦ ସେଠୀଙ୍କ ପରଲୋକ

ସମ୍ବଲପୁର : (ହି.ସ.) – ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ ନିତ୍ୟାନନ୍ଦ ସେଠୀଙ୍କର ଗତ ରବିବାର ରାତି ସାଢ଼େ ୮ଟା ସମୟରେ ୬୫ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । କିଛିଦିନ ଧରି ସେ କିଡନି ରୋଗରେ ଆକ୍ରାନ୍ତ ରହି ଚିକିତ୍ସିତ ହେଉଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ସେ ମୂଳ ବାସିନ୍ଦା ହୋଇଥିଲେ ମଧ୍ୟ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ସମ୍ବଲପୁରରେ ସ୍ଥାୟୀ ବାସିନ୍ଦା ଭାବେ ରହି ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟରେ ସଂଗୀତ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ନବାଗତ ଉଦୀୟମାନ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତ ଶିକ୍ଷା ଦେଇ ଆସୁଥିଲେ । ଏପରିକି ପଶ୍ଚିମ ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାକୁ ବିଧିବଦ୍ଧ ଭାବରେ ବଂଚାଇ ରଖି ଅଗଣିତ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ଗୁରୁ ଶ୍ରୀ ସେଠିଙ୍କ ଭୂମିକା ଉଲ୍ଲେଖନୀୟ । ଏତଦ୍‌ବ୍ୟତୀତ ଲଘୁ ସଙ୍ଗୀତ, ଆଧୁନିକ ସଙ୍ଗୀତ କ୍ଷେତ୍ରରେ ମଧ୍ୟ ସେ ସ୍ୱତନ୍ତ୍ର ପାରଦର୍ଶିତା ହାସଲ କରିଥିଲେ । ଆକାଶବାଣୀ ଓ ଦୂରଦର୍ଶନର ସେ ଜଣେ ଉଚ୍ଚବର୍ଗର କଣ୍ଠଶିଳ୍ପୀ ଓ ସ୍ୱର ସଂଯୋଜକ ଭାବରେ ମଧ୍ୟ ନିଜର ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଭଜନ, ଜଣାଣ, ଛାନ୍ଦ, ଓଡ଼ିଶୀ, ଆଧୁନିକ ଗୀତ ଓ ଶାସ୍ତ୍ରୀୟ ସଙ୍ଗୀତ ଶିଖାଇବାରେ ଓ ଗାଇବାରେ ସେ ଜଣେ ଆଗଧାଡ଼ିର କଳାକାର ଥିଲେ । ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳ, ମୁମ୍ବାଇ ଦ୍ୱାରା ଆୟୋଜିତ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରୀକ୍ଷାରେ ଓଡ଼ିଶାର ବହୁ ପ୍ରାନ୍ତରେ ସେ ବହୁବାର ନିରୀକ୍ଷକ ଭାବରେ ଦାୟିତ୍ୱ ନିର୍ବାହ କରିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ସେ କବରାପାଲିର ଲୋକନାଟକ ଦଳରେ ମଧ୍ୟ ବହୁ ବର୍ଷ ସଙ୍ଗୀତ ସଂଯୋଜନା କରିଥିଲେ । ଶ୍ରୀ ନିତ୍ୟାନନ୍ଦ ସେଠିଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶାର କଳା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ବିୟୋଗରେ ବହୁ କଳାକାର, ସମାଜସେବୀ, ସାଂସ୍କୃତିକ କର୍ମୀ ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି । ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ପରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆ ଯାଇଥିଲା । ସୋମବାର ପୂର୍ବାହ୍ନରେ ବଡ଼ପୁଅ ଶୁଭେନ୍ଦୁ ସେଠୀ ମୁଖାଗ୍ନି ଦେବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

# ଆଦର୍ଶ ଶିକ୍ଷକ ଅନନ୍ତ ବେହେରାଙ୍କ ସ୍ମୃତିସଭା



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗନ୍ଧାଳୀ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ପ୍ରସାଦ ବେହେରାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ରବିବାର ଦିନ ଗନ୍ଧାଳି ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ଖଇରା ପ୍ରାଥମିକ ଶିକ୍ଷକ ସଂଘ ଓ ଖଇରା ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ କୈଳାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସରପଂଚ ଦୟାନିଧି ନାୟକ,ସମାଜସେବୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ବାଇଧର ପରିଡା, ଶଶିକାନ୍ତ ରାଉତ, ଡା ହରେକୃଷ୍ଣ ରାଉତ, ସଞ୍ଜୟ ଭଟ୍ଟରାୟ, ସ୍ନେହଲତା ପରିଡା, ସୁଶ୍ରୀ ବରେଣ୍ୟା ଦାସ ପ୍ରମୁଖ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖି ପ୍ରତିଭା ଉପରେ ଗୁଣଗାନ କରିବା ଅବସରରେ ତାଙ୍କର ଶିକ୍ଷାଦାନ ର ପଦ୍ଧତି, ସମୟାନୁବର୍ତିତା, କର୍ତବ୍ୟପରାୟଣତା ପାଇଁ ଅଗଣିତ ଛାତ୍ରୀଛାତ୍ର ଝୁରି ହେଉଛନ୍ତି ବୋଲି ଉଲ୍ଲେଖ କରିଥିଲେ । କେବଳ ସେତିକି ନୁହେଁ ଅବସର ପରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଧର୍ମ ପ୍ରଚାର କରି ନିଜର ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଯାଇଥିବା ନେଇ ଅନେକ ବକ୍ତା ପ୍ରକାଶ କରିଥିଲେ । ଯୁଧିଷ୍ଠିର ଦାସ ବେଦପାଠ, ଭାଗବତ ନାୟକ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । କନ୍ୟା ଗୀତାଞ୍ଜଳୀ ବେହେରା ଶେଷ ସ୍ୱର୍ଶ ଦେଇଥିଲେ ।

# ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ ଅଭିଯୋଗ

ଯାଜପୁର(ନିପ୍ର): ଖବର ପ୍ରସାରଣକୁ ନେଇ ଜଣେ ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ ଅଭିଯୋଗକୁ କେନ୍ଦ୍ର କରି ଯାଜପୁର ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି । ଗୁରୁକୁଳ ପଂଚାୟତର ସରପଂଚ ସତ୍ୟାନନ୍ଦ ମହାପାତ୍ରଙ୍କ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଉପରେ ଖବର ପ୍ରସାରଣ କରିବା ପରେ ଫୋକସ୍ ପ୍ଲସ୍‌ର ରିପୋର୍ଟର ସଞ୍ଜୟ ନାୟକଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସରପଂଚଙ୍କ ସମ୍ପର୍କିତ ଖବର ବାରମ୍ବାର ପ୍ରସାରଣ କରାଯାଉ ଥିବାରୁ ସଞ୍ଜୟଙ୍କ ଉପରେ କିଛି ବ୍ୟକ୍ତିଙ୍କ ଜରିଆରେ ଆକ୍ରମଣ କରାଯାଇଥିଲା । ଆକ୍ରମଣରେ ସାମ୍ବାଦିକ ଜଣକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ପ୍ରଥମେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କ ଶାରୀରିକ ଅବସ୍ଥା ଅଧିକ ଗୁରୁତର ହେବାରୁ ପରେ ତାଙ୍କୁ ଯାଜପୁର ଟାଉନ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ସଞ୍ଜୟ ନାୟକ ବର୍ତମାନ ଚିକିତ୍ସାଧୀନ ଅଛନ୍ତି । ଘଟଣାକୁ ନେଇ ସଞ୍ଜୟଙ୍କ ବାପା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଅଭିଯୋଗରେ ଆକ୍ରମଣ ପଛରେ ସରପଂଚଙ୍କ ସମ୍ପୃକ୍ତି ଥିବା ଦାବି କରାଯାଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏହି ଘଟଣା ପରେ ସାମ୍ବାଦିକ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ସାମ୍ବାଦିକମାନଙ୍କ ମତରେ, ଖବର ପ୍ରକାଶ କିମ୍ବା ପ୍ରସାରଣକୁ ନେଇ ଯଦି ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୁଏ, ତେବେ ଏହା ସ୍ୱାଧୀନ ସାମ୍ବାଦିକତା ପାଇଁ ଏକ ଗୁରୁତର ଚିନ୍ତାର ବିଷୟ । ସେପଟେ, ଥାନାରେ ଅଭିଯୋଗ ପରେ ପୋଲିସର ପରବର୍ତୀ ପଦକ୍ଷେପ କଣ ହେବ, ତାହାକୁ ନେଇ ମଧ ନଜର ରହିଛି । ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାମ୍ବାଦିକ ମହଲରୁ ଦାବି ହୋଇଛି । ସାମ୍ବାଦିକ ସଞ୍ଜୟ ନାୟକଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ସାମ୍ବାଦିକ ସଂଗଠନଗୁଡ଼ିକର ପରବର୍ତୀ ପଦକ୍ଷେପ କଣ ହେବ, ତାହା ଉପରେ ମଧ ସମସ୍ତଙ୍କ ନଜର ।

# ମଦ ଜବତ : ୨ ଗିରଫ

ସିମୁଳିଆ(ନିପ୍ର): ମଦ ଓ ମଦ ବେପାରୀକୁ ଧରିଲେ ଗ୍ରାମବାସୀ, ଦୁଇ ଜଣ ଥାନାରେ ଅଟକ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର ଛକରେ ମଦ ନେଇ ବାଇକରେ ଯାଉଥିବା ବେଳେ ମଦ ବେପାରୀକୁ ଗ୍ରାମବାସୀ ଅଟକାଇଥିଲେ । ଏଥିରେ ମଦ ବେପାରୀ ଜଣକ ଉତକ୍ଷିପ୍ତ ହୋଇ ଗଣ୍ଡଗୋଳ କରିଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରୁ ଦୁଇ ଜଣକୁ ଆଣି ଥାନାରେ ଅଟକ ରଖି ତଦନ୍ତ କରୁଛି । ଏହି ଘଟଣା ଖବର ପାଇ ଅବକାରୀ ବିଭାଗ ଘଟଣା ସ୍ଥଳରେ ପହଂଚି ଦୁଇ ଶହ ଲିଟରରୁ ଅଧିକ ମଦ ଓ ବାଇକକୁ ଜବତ କରିଥିବା ଜଣାଯାଇଛି ।

# ମଣ୍ଡଳ କମିଶନ ଅଧକ୍ଷଙ୍କ ୧୦୮ତମ ଜନ୍ମ ଜୟନ୍ତୀ ପାଳିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଭୋଜପୁର ଯାଦବ ଭବନଠାରେ ମଣ୍ଡଳ କମିଶନର ଅଧକ୍ଷ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଓବିସି ମଂଚ ରାଜ୍ୟ ଯୁବ ସଂଯୋଜକ କପିଳେନ୍ଦ୍ର ଭୋଇ ଯାଦବଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜୟନ୍ତି ପାଳନ ସଭାରେ ପଛୁଆ ବର୍ଗ ଜାତିର ଅନେକ ନେତୃବୃନ୍ଦ ଓ ସଦସ୍ୟ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓବିସି ମଂଚର ରାଜ୍ୟ ସଭାପତି ଶଙ୍କର ପାତ୍ର, ସମ୍ମାନିତ ଅତିଥି ଭାବରେ ଓବିସି ରାଜ୍ୟ ସମ୍ପାଦକ ପରଦେଶୀ ବିଶ୍ୱାଳ, ବଲାଙ୍ଗୀର ଜିଲ୍ଲା ସଂଯୋଜକ ସରୋଜ ମେସଓ୍ୱା ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ସହ ସ୍ୱର୍ଗତ ମଣ୍ଡଳଙ୍କ ସମାଜସେବା, ଶୋଷିତ ଓ ପଛୁଆ ବର୍ଗଙ୍କ ଅଧିକାର ପାଇଁ ତାଙ୍କର ଐତିହାସିକ ଯୋଗଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଭାରେ ଉପସ୍ଥିତ ବକ୍ତାମାନେ ପଛୁଆ ବର୍ଗ ଲୋକଙ୍କ ଆର୍ଥିକ, ସାମାଜିକ ଓ ଶିକ୍ଷାଗତ ବିକାଶ ପାଇଁ ପ୍ରମୁଖ ଦାବିଗୁଡ଼ିକ ଉପସ୍ଥାପନ କରିଥିଲେ । କେନ୍ଦ୍ର ସରକାର ଦ୍ୱାରା ଆଗାମୀ ଜନଗଣନା ରେ ଓବିସିଙ୍କ ଗଣନା ପାଇଁ ସ୍ୱତନ୍ତ୍ର କଲମ ବ୍ୟବସ୍ଥା କରାଯାଉ, ଯାହାଦ୍ୱାରା ପଛୁଆ ବର୍ଗର ପ୍ରକୃତ ଜନସଂଖ୍ୟା ଆଧାରରେ ନୀତି ନିର୍ଦ୍ଧାରଣ କରାଯାଇପାରିବ । ଏହାସହ ପଛୁଆ ବର୍ଗର ଲୋକଙ୍କୁ ଶିକ୍ଷାନୁଷ୍ଠାନ, ସରକାରୀ ଚାକିରି ଏବଂ ନିର୍ବାଚନରେ ଉଚିତ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଉ ବୋଲି ଦାବି ହୋଇଥିଲା । କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ଓବିଶୀ ମଂଚରୁ ଜିଲ୍ଲା ସଂଯୋଜକ ଭରତ ରାଉତ୍ , ସୁବର୍ଣ୍ଣଗ୍ରାହି ଶୁଣ୍ଢି ସମାଜ୍ ଉପ ସଭାପତି ଦଶମୁ ବେହେରା , କୋଶଳେଶ୍ୱର ମାଳି ସମାଜରୁ ଯୁବ ସଭାପତି ଯୁଧିଷ୍ଠିର ପଟେଲ , ଯାଦବ ସମାଜ ରୁ ହିତେଶ ବଗର୍ତି , ଲମ୍ବୋଦର ନିଆଲ, ରାମଲାଲ ହଂସ ବିରାଟ ବାଗ, କ୍ଷୀରସିନ୍ଧୁ ଭୋଇ ହେମସାଗର ନାଗ, ଲକ୍ଷ୍ମୀ କାନ୍ତ ବନ୍ଦିଛୋ, ବୃନ୍ଦାବନ ବାଗ, ଲକ୍ଷରାମ ଷଣ୍ଡ କାର୍ତିକ ବାଗ ପଣ୍ଡରା ମାଳି ସମାଜରୁ ଗୋଦାବରୀଶ ନାଏକ, ମେହେର ସମାଜରୁ ହିରାଧର୍ ମେହେର , ଯୁଧିଷ୍ଠିର ମେହେର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟ ରଞ୍ଜନ ମେହେର, ଶୁଣ୍ଢି ସମାଜ ମଣ୍ଡଳ ଉପ ସଭାପତି ସୁବାସ ବେହେରା, କୁମ୍ଭକାର ସମାଜ ର ଜିଲ୍ଲା ସଭାପତି ରାଧେଶ୍ୟାମ ରଣା, ପାଇକ ସମାଜ ରୁ ମିହିର ନାଏକ, ଯାଦବ ସମାଜ ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିନାଥ ପୁଞ୍ଜି, ଝାଡୁଆ ଶୁଣ୍ଢି ସମାଜ ରୁ ଚନ୍ଦ୍ର ଶେଖର ବେହେରା, ସୁବର୍ଣ୍ଣଗ୍ରାହୀ ଶୁଣ୍ଢିସମାଜ ରୁ ତୋଷବନ୍ତ ବେହେରା, ପଂଚା ବେହେରା, ଚନ୍ଦ୍ର ବେହେରା ମାଳି ସମାଜରୁ ନିମାଇ ପଟେଲ, ବିଜୟ ପଟେଲ ଅମିତାଭ ପଟେଲ ସହ ମାନ୍ୟ ଗୁନ୍ୟ ବ୍ୟକ୍ତି ସମେତ ଅନେକ ପ ର ଛାତ୍ର ସମୂହ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ହିରାଧାର ମେହେର ପରିଚାଳନା କରିଥିବା ବେଳେ ବିଜୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଓ ୬.୫ ଲକ୍ଷ ଟଙ୍କା ଜବତ, ୫ଗିରଫ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା -ଛତିଶଗଡ଼ ରାଜ୍ୟ ସୀମାନ୍ତ ଗରିଆବନ୍ଦ ଜିଲ୍ଲା ଦେବଭୋଗ ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ପୁଲିସ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ସହ ନଗଦ ୬ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି । ଏହା ସହିତ ୫ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଦେବଭୋଗ ଥାନା ଖୁଟଗାଁ ଚେକ୍‌ଗେଟ୍‌ଠାରେ ଚେକିଂ ବେଳେ ଏହି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ଗ୍ୟାଙ୍ଗ୍ ପୁଲିସ ହାତରେ ଧରାପଡ଼ିଥିଲେ । ସେମାନଙ୍କ ଠାରୁ ୪ କ୍ୱିଂଟାଲ ଗଞ୍ଜେଇ ଏବଂ ନଗଦ ୬ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି । ଗିରଫ



ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ସନ୍ତୋଷ ଅନନ୍ତ ମୋହିତେ, ସୁମିତ ସୁବାଷ ଥୋବଡ଼େ, ପଙ୍କଜ ଅନନ୍ତ ମୋହିତେ ଏବଂ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଂଚଳର ଜଳନ୍ଧର ଖମାରୀ ଓ ଆମପାଣି ଥାନା ଅଂଚଳର ବିନୋଦ ଦିଶାରୀ । ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଚାରିଚକିଆ ଗାଡ଼ି, ଗୋଟିଏ ବାଇକ୍ ଏବଂ ୩ଟି ମୋବାଇଲ୍ ଫୋନ୍ ମଧ ଜବତ ହୋଇଛି । ଏହି ଗ୍ୟାଙ୍ଗ୍ ଓଡ଼ିଶାରୁ ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାଚାଲାଣ କରୁଥିଲେ ବୋଲି ଗରିଆବନ୍ଧ ଏସ୍‌ପି ବେଦବ୍ରତ ସିରମୋର ସୂଚନା ଦେଇଛନ୍ତି ।

# ପ୍ରଫେସର ହୃଦାନନ୍ଦ ରାୟଙ୍କ ସ୍ମୃତି ସମାରୋହ




କଟକ(ନିପ୍ର): ବିଦ୍ୟାଧରପୁରସ୍ଥିତ ପ୍ରଫେସର ହୃଦାନନ୍ଦ ରାୟ ସ୍ମୃତି ପରିଷଦ ପକ୍ଷରୁ ଗ୍ଲୋବାଲ୍ ଇଣ୍ଡିଆନ୍ ମଡେଲ୍ ସ୍କୁଲ ହଲ୍ ରେ ପ୍ରଖ୍ୟାତ ସାରସ୍ୱତ ସାଧକ ଓ ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟଙ୍କ ସ୍ମୃତିସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯଶସ୍ୱୀ ସାହିତ୍ୟିକ ଡ଼. ସତ୍ୟ ପ୍ରକାଶ ସେଠୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ହୃଦାନନ୍ଦ ରାୟ ସମ୍ମାନ' ପ୍ରଦାନ କରାଯାଇଥିଲା ଅତୀତ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅନୁଷ୍ଠାନର ଉପସଭାପତି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଚୌଧୁରୀ ସତ୍ୟ ଦାସ ।ଏହି ଉତ୍ସବରେ ମୁଖ୍ୟ ଅତିଥି ପ୍ରଫେସର ଡକ୍ଟର ସୁନାମଣି ରାଉତ, ମୁଖ୍ୟ ବକ୍ତା ଖ୍ୟାତନାମା ସାହିତ୍ୟିକ ପ୍ରଫେସର ଡକ୍ଟର ସଂଘମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ହୋଇ ପ୍ରଫେସର ହୃଦାନନ୍ଦ ରାୟ କିଭଳି ଭାବରେ ଜଣେ ଦର୍ଶନଜ୍ଞ, ବାଗ୍ମୀ ଓ ସାହିତ୍ୟିକ ସେ ବିଷୟରେ ଅବଗତ କରାଇ ଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ ଡ଼. ଇଂ ପ୍ରଭାକର ସ୍ୱାଇଁ । ଚୌଧୁରୀ ସମ୍ପତ ଦାସ ଏବଂ ତାଙ୍କ ଧର୍ମପତ୍ନୀ ତଥା ଅନ୍ୟାନ୍ୟ କର୍ମକର୍ତା ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସର୍ବ ଶେଷରେ ଗ୍ଲୋବାଲ ଇଣ୍ଡିଆନ୍ ପବ୍ଲିକ ସ୍କୁଲର ଅଧକ୍ଷା ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୟୋନେକ୍ସ ସନରାଇଜ୍ ଓଏସବିଏ ଲେବଲ-୨ ଚମ୍ପିଅନସିପ ଉଦ୍‌ଯାପିତ

କଟକ(ନିପ୍ର): କଟକ ନୟାବଜାରସ୍ଥିତ ଏମପିଆଇଏସ ଠାରେ କଟକ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନ୍ ପରିଚାଳନାରେ ଓଡ଼ିଶା ରାଜ୍ୟ ବ୍ୟାଡମିଂଟନ ଆସୋସିଏସନ୍‌ର ସହଭାଗିତାରେ ୟୋନେକ୍ସ ସନରାଇଜ୍ ଓ ଏସ ବି ଏ ଅଲ ଓଡ଼ିଶା ଲେବଲ୍ -୨ ଷ୍ଟେଟ ଚମ୍ପିଅନସିପ ଅଣ୍ଡର ୧୩, ଅଣ୍ଡର ୧୫, ଅଣ୍ଡର ୧୭ ସବ୍- ଜୁନିଅର, ଅଣ୍ଡର ୧୯ ଜୁନିଅର ଅଗଷ୍ଟ ୨୧ ରୁ ଆରମ୍ଭ ହୋଇ ଅଗଷ୍ଟ ୨୪ ତାରିଖରେ ଶେଷ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୬୦୦ ରୁ ଅଧିକ ପ୍ରତିଯୋଗୀ ଏହି ବ୍ୟାଡମିଂଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ରାଜ୍ୟର କୋଣ ଅନୁକୋଣରୁ ପଲ୍ଲୀରୁ ସହରାଂଚଳ ପର୍ଯ୍ୟନ୍ତ ଯେତେ ପ୍ରତିଭା ଅଛନ୍ତି, ସମସ୍ତେ ସୁଯୋଗ ପାଇ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ସଫଳତା ଅର୍ଜନ କରନ୍ତୁ, ସରକାରଙ୍କର ଏହା ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମ୍ପାଦକ ଚନ୍ଦନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳ ହୋଇଛି । ଉଦଯାପନୀ ଉତ୍ସବରେ ସଫଳ ପ୍ରତିଯୋଗୀ ମାନଙ୍କୁ ଚଳଚ୍ଚିତ୍ର ଅଭିନେତା ତଥା ବିଜେପିର ବଳିଷ୍ଠ ନେତା ଶ୍ରୀତମ ଦାସ, ଜାଭିୟର ସ୍କୁଲର ଚେୟାରମ୍ୟାନ ପ୍ରଭୁ ମହାନ୍ତି ଏବଂ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ହୋଇ ସଫଳ ଖେଳାଳୀ ମାନଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ ।

# ଶକ୍ତିଶ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଯାପିତ




କୁପାରୀ(ନିପ୍ର): ସଂପ୍ରତି କୁପାରୀ ସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଏକ ସପ୍ତାହ ବ୍ୟାପୀ ଶକ୍ତିଶ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଅନୁଷ୍ଠିତ ହୋଇଆସୁଥିଲା । ଏହି ଶିବିରର ଉଦଯାପନ ହୋଇଅଛି । ଛାତ୍ରୀମାନଙ୍କୁ ସଶକ୍ତ କରିବା, କୌଣସି ଅପ୍ରୀତିକର ପରିସ୍ଥିତିକୁ ସାମ୍ନାକରି ନିଜର ସୁରକ୍ଷା ଦେବା ପାଇଁ ଏହି ଶକ୍ତିଶ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିରରେ ଗୁରୁତ୍ୱ ଦିଆଯାଇଛି । ପ୍ରଶିକ୍ଷିକା ମନୋରମା ରାଉତ୍ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ଶିବିର ଉଦ୍‌ଯାପନ ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ କୁମାର ଲେଙ୍କା ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ବହୁ ଉତ୍ସାହ ନେଇ ଛାତ୍ରୀ ମାନେ ଏହି ଶିବିରରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ଡ. ଲେଙ୍କାଙ୍କ ସମେତ ପ୍ରାଧ୍ୟାପିକା ଫୁଲମଣି ଦେଇ, ଅଧ୍ୟାପିକା କବିତା ବଳବନ୍ତରାୟ, ମଞ୍ଜୁଲତା ବେହେରା, ଅଧ୍ୟାପିକା ଡ. ଆଭାରାଣୀ ବଳ, ଅ ଅଧ୍ୟାପିକା ମାଳତୀଲତା ହାତୀ, ରଶ୍ମିତା ବିଶ୍ୱାଳ, ଅଧ୍ୟାପକ ଗଣେଷ ପ୍ରାସାଦ ପଣ୍ଡା ଆଦି ଯୋଗ ଦେଇଥିଲେ ଏହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଅର୍ଜୁନପୁର ଓ ପଧାନୀ ପଂଚାୟତରେ ବ୍ୟାପକ ଜଳବନ୍ଦୀ ସମସ୍ୟା




ଧାମନଗର(ନିପ୍ର): ଲଗାତାର ଲଘୁଚାପଜନିତ ପ୍ରବଳ ବର୍ଷା ଏବଂ ବୈତରଣୀ ନଦୀର କ୍ରମାଗତ ବନ୍ୟା । ଧାମନଗର ବ୍ଲକରେ ପୁଣିଥରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ଗତ ଦୁଇ ମାସ ଭିତରେ ବ୍ଲକରେ ଏହା ହେଉଛି ଷଷ୍ଠ ବନ୍ୟା, ଯାହାକି ସାଧାରଣ ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଛି । ବୈତରଣୀ ଏବଂ ଏହାର ଶାଖା ନଦୀ କୋଚିଳାର ପଛୁଆ ବନ୍ୟାଜଳ ପ୍ରବେଶ କରିବାରୁ ବ୍ଲକର ହସନାବାଦ, ଅର୍ଜୁନପୁର ଏବଂ ପଧାନୀ ପଂଚାୟତର ବହୁ ଗ୍ରାମ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ବାରମ୍ବାର ଏପରି ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇ ଅଂଚଳବାସୀ ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛନ୍ତି । ବନ୍ୟାଜଳ ଘରଦ୍ୱାର ଓ ରାସ୍ତାଘାଟରେ ଜମି ରହିବାରୁ ଯାତାୟାତ ଏକପ୍ରକାର ଠପ ହୋଇଯାଇଛି । ବିଶେଷ କରି ବାରମ୍ବାର ବନ୍ୟା ଯୋଗୁ ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି । କ୍ଷେତରେ ପାଣି ଜମି ରହିବା କାରଣରୁ ହଜାର ହଜାର ଏକର ଜମିର ଧାନ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ବର୍ଷକର ଗୁଜୁରାଣ ମେଂଟାଇବା ପାଇଁ କରିଥିବା ଚାଷ ନଷ୍ଟ ହୋଇଯିବାରୁ ଚାଷୀକୁଳ ଚିନ୍ତାରେ ମଜ୍ଜି ରହିଛନ୍ତି । ତେବେ ଏହି ଦୁର୍ଦ୍ଦିନରେ ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାମାଜିକ ଅନୁଷ୍ଠାନ । ବନ୍ୟାଂଚଳରେ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ଜରୁରୀ ସାମଗ୍ରୀ ପ୍ରଦାନ କରାଯାଉଥିବା ଜଣାପଡ଼ିଛି । ତଥାପି ପ୍ରଶାସନ ପକ୍ଷରୁ ତ୍ୱରିତ ରିଲିଫ୍ ଓ କ୍ଷୟକ୍ଷତି ଆକଳନ କରାଯାଇ ସଠିକ୍ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ଏବିଭିପିର ଦାବିପତ୍ର

ନୀଳଗିରି, (ନି.ପ୍ର)ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଇଇଠଚ), ନୀଳଗିରି ନଗର ପକ୍ଷରୁ ମଗଂଳବାର ନୀଳଗିରି ମହାବିଦ୍ୟାଳୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ ସହ ମହାବିଦ୍ୟାଳୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ୧୦ ଦଫା ବିଶିଷ୍ଟ ଦାବିପତ୍ର ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ପୂର୍ବ ସରକାର ସମୟରୁ ବନ୍ଦ ହୋଇ ରହିଥିବା ଛାତ୍ର ସଂସଦ ନିର୍ବାଚନକୁ ତୁରନ୍ତ ପୁନଃ ଚାଲୁ କରିବା ସହ ମହାବିଦ୍ୟାଳୟର ପାନୀୟ ଜଳ, ପରିମଳ ବ୍ୟବସ୍ଥା, ଶ୍ରେଣୀଗୃହର ଉନ୍ନତି, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ଖେଳ ପଡ଼ିଆର ବିକାଶ, ଛାତ୍ରଛାତ୍ରୀଙ୍କ ପାଇଁ ବସିବା ବ୍ୟବସ୍ଥା, ଶୌଚାଳୟର ମରାମତି, କ୍ୟାମ୍ପସର ପରିଷ୍କାର-ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ଶୀଘ୍ର ସମାଧାନ ପାଇଁ ଦାବି କରାଯାଇଥିଲା । ଏହି ଅବସରରେ ଇଇଠଚ ନୀଳଗିରି ନଗର ପକ୍ଷରୁ କୁହାଯାଇଥିଲା ଯେ, ଛାତ୍ର ସଂସଦ ନିର୍ବାଚନ କେବଳ ଏକ ନିର୍ବାଚନ ନୁହେଁ, ବରଂ ଛାତ୍ର ସମାଜର ଗଣତାନ୍ତ୍ରିକ ଅଧିକାର ଓ ନେତୃତ୍ୱ ବିକାଶର



ଏକ ପ୍ରମୁଖ ମାଧମ । ଦୀର୍ଘ ଦିନ ଧରି ଏହି ନିର୍ବାଚନ ବନ୍ଦ ରହିବା ଫଳରେ ଛାତ୍ରଛାତ୍ରୀଙ୍କ ସ୍ୱର ଦମନ ହୋଇଛି । ସଂଗଠନ ପକ୍ଷରୁ ସରକାରଙ୍କୁ ଦାବି କରାଯାଇଛି ଯେ, ଚଳିତ ଶିକ୍ଷାବର୍ଷରେ ହିଁ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଉ ଏବଂ ମହାବିଦ୍ୟାଳୟର ସମସ୍ତ ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରାଯାଉ । ନଚେତ୍ ଇଇଠଚ ନୀଳଗିରି ନଗର ପକ୍ଷରୁ ଆଗାମୀ ଦିନରେ ଗଣ ଆନ୍ଦୋଳନ, ବିକ୍ଷୋଭ ଓ ଘେରାଉ ଭଳି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଇଇଠଚ ନୀଳଗିରି ନଗରର ନଗର ସମ୍ପାଦକ ସୁଶାନ୍ତ କୁମାର ନାୟକ, ନଗର ଜନଜାତି ପ୍ରମୁଖ କିମତ୍ ସିଂ, ରାଜ୍ୟ ସାବିଷ୍କାର ସଂଯୋଜକ ସଞ୍ଜୀବ କୁମାର ମହାରଣାଙ୍କ ସମେତ ମୋନାଲିସା ଦାସ, ମେନା ସିଂ, ପ୍ରତିପ୍ରଭା ମଲ୍ଲିକ, ମନାଲି ବେହେରା, ଅନିତା ସିଂ, ବର୍ଷା ସିଂ, ବାସୁଦେବ ବେହେରା, ଦେବସ୍ମିତା ସିଂ, ଜ୍ୟୋସ୍ନା ରାଣୀ ବେହେରା, ମନୋଜ କୁମାର ଜେନା, କୁଳଦୀପ କେଶୀ, କ୍ରିଷ୍ଣା କୁମାର ମହାନ୍ତି, ସତ୍ୟଦୀପ ସେଠୀ, ଦେବରାଜ ସୋରେନ, ଅଜୟ ମୁର୍ମୁ, ତପନ ସିଂ, ଆକାଶ ଦାସ, ବାପୁନୁ ସିଂ, ସୋନୁ ସିଂ, ପଦନା ମାଝୀ, ଗୋପାଳକୃଷ୍ଣ ମଲ୍ଲିକ, ବାପୁନ ସିଂ, ସୁମନ ଜେନା, ଚନ୍ଦନ କୁମାର ସିଂ ଏବଂ ମାନସ ଆଡୁକଙ୍କ ସମେତ ବହୁ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ଶେଷରେ ଛାତ୍ର ସ୍ୱାର୍ଥ ଓ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଇଇଠଚର ସଂଗ୍ରାମ ଆଗାମୀ ଦିନରେ ଆହୁରି ଜୋରଦାର ଭାବେ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ଦୃଢ଼ ସଂକଳ୍ପ ବ୍ୟକ୍ତ କରାଯାଇଥିଲା ।

# ରାୟଗଡ଼ାରେ ବୈଦିକ ବାଲ ସଂସ୍କାର କେନ୍ଦ୍ର ଉଦ୍‌ଘାଟିତ

ରାୟଗଡା (ନି.ପ୍ର) ରାୟଗଡ଼ା ସହରରେ ଗାୟତ୍ରୀ ମନ୍ଦିର ପରିସରରେ ଆର୍ଯ୍ୟ ସମାଜ ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଛି ବୈଦିକ ବାଲ ସଂସ୍କାର କେନ୍ଦ୍ର । ଶିଶୁମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ, ଶୃଙ୍ଖଳା, ଭଲ ଅଭ୍ୟାସ ଏବଂ ଆତ୍ମବିଶ୍ୱାସ ବିକାଶ କରିବା ଏହି କେନ୍ଦ୍ରର ମୁଖ୍ୟ ଲକ୍ଷ୍ୟ । ଏହି ବାଳ ବିକାଶ କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ତଥା ସମାଜ ସଂସ୍କାରକ ବଲରାମ ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ । ବୈଦିକ ଯଜ୍ଞ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୮ ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନେ ଏଥିରେ ଯୋଗଦେଇପାରିବେ । ଆଧୁନିକ ଶିକ୍ଷା ସହ ଶିଶୁମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି, ପରମ୍ପରା ଓ ନୈତିକ ମୂଲ୍ୟବୋଧକୁ ମଜବୁତ କରିବା ଉଦ୍ଦେଶ୍ୟରେ ରାୟଗଡ଼ା ଗାୟତ୍ରୀ ମନ୍ଦିରରେ ଉଦଘାଟିତ ହୋଇଛି ଏହି 'ବୈଦିକ ବାଲ ସଂସ୍କାର କେନ୍ଦ୍ର' ।ଏହି କେନ୍ଦ୍ରରେ ଶିଶୁମାନଙ୍କୁ ବୈଦିକ ମନ୍ତ୍ର ଉଚ୍ଚାରଣ



ସହିତ ଭଲ ଚିନ୍ତାଧାରା, ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳିତ ଦୈନନ୍ଦିନ ଜୀବନ ସମ୍ପର୍କରେ ଶିକ୍ଷା ଦିଆଯିବ । ଏଥିସହ ଭଲ ଅଭ୍ୟାସ ଗଢ଼ିବା, ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଶିଶୁମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ୮ ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନେ ଏହି କେନ୍ଦ୍ରରେ ଯୋଗଦେଇପାରିବେ । ପ୍ରତି ରବିବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଶିକ୍ଷା ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଆଜିର ଏହି କାର୍ଯ୍ୟକ୍ରମ କୁ ଆଧ୍ୟାତ୍ମିକ ଗୁରୁ କିଶୋର ଚନ୍ଦ୍ର ଜେନା ସଂଚାଳନ କରିଥିବା ବେଳେ ବୈଦିକ ପ୍ରଚାରକ ବାସୁଦେବ ହୋତା ଉପସ୍ଥିତ ରହି ଉପସ୍ଥିତ ଶିଶୁ ମାନଙ୍କୁ ଉତ୍ତର ନାଗରିକ ସହ ଜଣେ ସମାଜ ସଂସ୍କାରକ ହେବାକୁ ଆହ୍ୱାନ ଦେଇଥିଲେ । ସେହିପରି ପିଲାମାନେ ନିତ୍ୟ ସେମାନଙ୍କ ପାଠ ପଢା ସହ ଭାରତୀୟ ସଂସ୍କୃତି, ପରମ୍ପରା ଓ ଜୀବନର ମୂଲ୍ୟବୋଧ ଉପରେ ଶିକ୍ଷା ଗ୍ରହଣ କରିବା ସହ ନିଜ ଦେଶର ଟେକ ରଖିବା ପାଇଁ କାମ କରିବା ଆବଶ୍ୟକ ବୋଲି ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ମନ୍ଦିର ପରିଚାଳନା କମିଟିର ସଭାପତି ସୁଧୀର କୁମାର ମିଶ୍ର,ସବିତା ତ୍ରିପାଠୀ,ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ,ତ୍ରିନାଥ ମହାରଣା,ପ୍ରସାଦ କାମ୍ବ ଓ ଯୋଗ ଗୁରୁ ସ୍ୱାଧୀନା ପଣ୍ଡାଙ୍କ ସମେତ ବୈଦିକ ପରିବାରର ଅନେକ ସଦସ୍ୟ ଉପସ୍ଥିତ ଥିଲେ । ରାୟଗଡା ଗାୟତ୍ରୀ ପରିବାରର ସହଯୋଗରେ ବୈଦିକ ବାଲ ବିକାଶ କେନ୍ଦ୍ର ଆରମ୍ଭ ହୋଇଛି ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ କ୍ରୟ କମିଟି ବୈଠକ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଶାଳ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକର ଛାତ୍ରାବାସ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଛାତ୍ରାବାସରେ ରହୁଥିବା ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ଆବଶ୍ୟକୀୟ ସୁବିଧା ସୁଯୋଗ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସରକାରଙ୍କ ସ୍ୱଚ୍ଛତା ନିୟମ ଅନୁଯାୟୀ ସମସ୍ତ ସାମଗ୍ରୀ କେବଳ ସରକାରୀ ଇ-ମାର୍କେଟପ୍ଲେସ୍ (ଏରଗ)



ପୋର୍ଟାଲ ମାଧ୍ୟମରେ କ୍ରୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ମାନର ସାମଗ୍ରୀ ଯୋଗାଇଦେବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ଯୋଗାଣ ହେଉଥିବା ସାମଗ୍ରୀଗୁଡ଼ିକର ଗୁଣବତ୍ତା ପରଖିବା ପାଇଁ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ ଏବଂ ସେମାନେ ସିଧାସଳଖ ସ୍କୁଲ ପରିଦର୍ଶନ କରି ଯାଂଚ ପ୍ରକ୍ରିୟା ସମ୍ପନ୍ନ କରିବେ ।ଏହି ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଜଗଶ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମାଝୀ, ଆଇ.ଟି.ଡି.ଏ. ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ଟ୍ରେଜେରୀ ଅଧିକାରୀ, ବ୍ୟବସାୟ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ ।

# ନିଜସ୍ୱ ସମ୍ପତିରେ କଂକ୍ରିଟ ରାସ୍ତା ନିର୍ମାଣକୁ ବିରୋଧ

ଜଳେଶ୍ୱର,(ନିପ୍ର) ଜଳେଶ୍ୱର ବ୍ଲକ ଉପାନ୍ତ ଗୋବରଘଟା ପଂଚାୟତ,ରେ ବ୍ୟକ୍ତି ଗତ ଘରବାଡ଼ି ଉପରେ ସରକାରୀ ରାସ୍ତା ନିର୍ମାଣ କୁ ନେଇ ଉତେଜନା ପ୍ରକାଶ ପାଇଛି । ଦଲେଇ ସାହିର ନିରଞ୍ଜନ ଦଲାଇ ଙ୍କ ନାଁରେ ଗୋବରଘାଟା ମୌଜା, ଖାତା ନଂ ୩୫୫୫ ଖସଡା ରେ ୫୮୮ ରେ ଖତିଆନ ପ୍ରସ୍ତୁତ ରହିଅଛି । ସେହି ଜମିରେ ସେମାନେ ଗୃହ ନିର୍ମାଣ କରି ବାସ ବାସ କରିଆସୁଛନ୍ତି । କିନ୍ତୁ ଉକ୍ତ ସମ୍ପତି ଉପରେ ଗୋବରଘାଟା ପଂଚାୟତ ତରଫରୁ ଜୋର ଜବରଦସ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବାରୁ ତାକୁ ସେମାନେ ବିରୋଧ କରିଛନ୍ତି । ଏସମ୍ପର୍କରେ ସରପଂଚଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କିଛି ବୁଝିବେ ନାହିଁ ବୋଲି କହିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ।ରାସ୍ତା କାର୍ଯ୍ୟକୁ ପ୍ରତିବାଦ କରିବାରୁ ପ୍ରଫୁଲ୍ଲ ଦଲାଇ, ଗଦାଧର ଦଲାଇ,ବେଣୁଧର ଦଲାଇ, କାହ୍ନୁ ଦଲାଇ,ରାଜୁ ଦଲାଇ ପ୍ରମୁଖ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମାରିବାକୁ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ଏସମ୍ପର୍କରେ ଜଳେଶ୍ୱର ବିଡ଼ିଓ ଓ ଆଇଆଇସି ଅଶୋକ ବାରିକ୍ ଙ୍କୁ ଭେଟି ଦରଖାସ୍ତ କାରୀ ଉମାକାନ୍ତ ବେହେରା ନ୍ୟାୟ ଭିକ୍ଷା କରିଛନ୍ତି ।

# ବ୍ରଜକିଶୋର ପଣ୍ଡାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ପ୍ରଣବ ପ୍ରକାଶ ଦାସ



ଧାମନଗର,(ନି.ପ୍ର.) ଚଳିତ ବର୍ଷ ବନ୍ୟାରେ ଧାମନଗର ବ୍ଲକର ୪ ଜଣ ବନ୍ୟା ସ୍ରୋତରେ ଭାସିଯାଇ ମୃତ୍ୟୁ ବରଣ କରିଛନ୍ତି ଏବଂ ବ୍ଲକର ୧୮ ( ଫଟ)ଟି ପଂଚାୟତରେ ନାହିଁ ନଥିବା କ୍ଷତି ମଧ ହୋଇଛି । ହେକ୍ଟର ହେକ୍ଟର ଜମିରେ ବନ୍ୟା ଜଳ ବୁଡ଼ି ରହିବା ଦ୍ୱାରା ଧାନ ଚାଷ ସମେତ ପନିପରିବା ଚାଷ ସମ୍ପୂର୍ଣ ନଷ୍ଟ ହୋଇଯାଇଛି । ବହୁ କଚ୍ଚା ଘର ମଧ ଭାଙ୍ଗି ଯାଇଛି । ଏହି ପରିପେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି ଦାସ) ଗୁରୁବାର ଦିନ ଧାମନଗର ବ୍ଲକର ଅର୍ଯ୍ୟୁନପୁର୍ ଓ ହସନାବାଦ ପଂଚାୟତ ଗ୍ରସ୍ତ କରି ବନ୍ୟା ବିପନ୍ନ ପରିବାରଙ୍କୁ ନିଜସ୍ୱ ସାହାଯ୍ୟ କରିବା ପରେ ଆଜି ଧୁଷୁରୀ ଅଂଚଳ ଗସ୍ତ କରି ପୂଜ୍ୟପୁଜା ସଂସଦ ଗୃହରେ ଦଶ ଟି ପଂଚାୟତର କର୍ମୀ ମାନଙ୍କ ସହିତ ବନ୍ୟା ସମ୍ବଦୀୟ କ୍ଷୟ କ୍ଷତି ବାବଦରେ ଆଲୋଚନା କରିଥିଲେ । ପରେ ବମ୍ପୁକୁରା ପଂଚାୟତର ବିଜେଡି ପୁରୁଖା କର୍ମୀ ବ୍ରଜକିଶୋର ପଣ୍ଡା ବନ୍ୟା ସ୍ରୋତରେ ଭାସି ଯାଇ ମୃତ୍ୟୁ ବରଣ କରିଥିବାରୁ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ନିଜସ୍ୱ ସାହାଯ୍ୟ କରିଥିଲେ ଏବଂ ସ୍ୱର୍ଗତ ପଣ୍ଡାଙ୍କ କର୍ମ କାର୍ଯ୍ୟ ସରିବା ପରେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଆନନ୍ଦପୁର ପଂଚାୟତ ପାହାଡପୁର ଗ୍ରସ୍ତ କରି ବନ୍ୟାରେ ମୃତ୍ୟୁ ବରଣ କରିଥିବା ଗଣେଶ ଜେନାଙ୍କ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ନିଜସ୍ୱ ସାହାଯ୍ୟ କରିଥିଲେ । ଶ୍ରୀ ଦାସଙ୍କ ଏହି ଗ୍ରସ୍ତ ସମୟରେ ର୍ନିବାଚନ ମଣ୍ଡଳୀ ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ସରପଂଚ ନରେନ୍ଦ୍ର ନାରାୟଣ ନାୟକ, ସରିତା ମହାନ୍ତି, ସୀତାକାନ୍ତ ମିଶ୍ର, ଉମେଶ ମହାନ୍ତି, ସନ୍ଦୀପ ସ୍ୱାଇଁ, ରାଜେନ୍ଦ୍ର ପଲାଇ, ଭାରତ ବିଜୟ ଦଳାଇ, ବୈଦେଇ ବେହେରା, ବ୍ରଜେନ୍ଦ୍ର ମହାନ୍ତି, ଅନିଲ ଦାସ, ବିଦ୍ୟାଧର ବିଶ୍ୱାଳ, ବାବାଜୀ ଚରଣ ପଣ୍ଡା ଙ୍କ ସମେତ ସହ ସହ ବିଜେଡି ଯୋଗଦେଇ ବନ୍ୟା ବିପନ୍ନଙ୍କ ପାଖକୁ ଶ୍ରୀ ଦାସଙ୍କୁ ପାଛୋଟି ନେଇଥିଲେ ।

# ସାପ କାମୁଡ଼ାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ବାଲିଆପାଳ,(ନି.ପ୍ର) ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମର ଭଗବାନ ପ୍ରମାଣିକଙ୍କ କଲେଜ ପଢୁଆ ଝିଅ ନନ୍ଦିତା ପ୍ରାମାଣିକ (୧୬)ଙ୍କ ସାପ କାମୁଡ଼ାରେ ମଙ୍ଗଳବାର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ହୋଇଯାଇଛି । ସୋମବାର ରାତ୍ରିରେ ନନ୍ଦିତା ନିଜ ମାଆ ପାଖରେ ଖଟରେ ଶୋଇ ଥିବା ବେଳେ ମଧ ରାତ୍ରିରେ ବିଷଧର ସାପ କାମୁଡ଼ି ଦେଇଥିଲା ।ନନ୍ଦିତା ଜାଣି ନ ପାରି ମାଆକୁ କହିଲା ମାଆ ମୋତେ କିଛି କାମୁଡ଼ି ଦେଲା ।ମାଆ ଭାବିଲା ମୂଷା କି ଛୁଚା କାମୁଡ଼ି ଦେଇଥିବ କହି ଶୋଇଯାଆ ସକାଳେ ଦେଖିବା ।ମାତ୍ର କିଛି ସମୟ ପରେ ନନ୍ଦିତା ଅନୁଭବ କଲା ତାକୁ କିଛି ଦେଖା ଯାଉନି ବୋଲି ତାର ମାଆକୁ କହିବା ପରେ ପରିବାର ଲୋକମାନେ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠି



ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ ।ମାତ୍ର ଚିକିତ୍ସାଧିନ ଅବସ୍ଥାରେ ନନ୍ଦିତାର ମୃତ୍ୟୁ ହୋଇଯାଇଥିଲା । ସୁବର୍ଣ୍ଣରେଖା ବନ୍ୟାରେ ନନ୍ଦିତାର ଘର ବୋଡି ଯାଇଥିଲା ।ଯାହା ଫଳରେ କିଛି ଦିନ ହେବ ଘର ଚାରିପଟେ ପ୍ରବଳ ବିଷଧର ସାପ ଚଳ ପ୍ରଚଳ ହେଉଥିଲା ।ଏପରିକି ଶୋଇବା ଘରେ ସାପ କେତେବେଳେ ପଶି ନନ୍ଦିତାକୁ କାମୁଡିଛି ସେ ଜାଣି ପାରି ନାହିଁ ।ଯାହା ଫଳରେ ତାର ମୃତ୍ୟୁ ହେଲା ।ନନ୍ଦିତାର ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ନୂତନ ଥାନା ଅଧିକାରିଣୀ ସୁଚିତ୍ରା ପରିଡ଼ାଙ୍କୁ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ

ବ୍ରହ୍ମପୁର(ନି.ପ୍ର.) : ଆଜି ବ୍ରହ୍ମପୁର ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସଦର ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରିଣୀ ଶ୍ରୀମତୀ ସୁଚିତ୍ରା ପରିଡା ଙ୍କୁ ସୌଜନ୍ୟ ମୂଳକ ଭେଟି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ କମିଟି ପକ୍ଷରୁ ସହର ତଳି ଅଂଚଳର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ନୂତନ ଆଇଆଇସିଙ୍କ ସହ ଆଲୋଚନା କରାଯାଇଥିଲା । ବିଶେଷ କରି ନିଶା କାରବାର ରୋକିବା ତଳି ଅଂଚଳରେ ବଢୁଥିବା ନିଶା କାରବାର ଓ ଯୁବପିଢି ବିପଥଗାମୀ ହେବା ପ୍ରସଙ୍ଗରେ ମହିଳା ସୁରକ୍ଷା



ମହିଳା ଓ ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ସନ୍ଧ୍ୟା କାଳୀନ ପେଟ୍ରୋଲିଂ ବଢାଇବା ଜନ-ପୋଲିସ ମୈତ୍ର ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ ନୂତନ ଥାନା ଅଧିକାରିଣୀ ପଦକ୍ଷେପ ନେବେ ବୋଲି କମିଟି ଆଶା ପୋଷଣ କରିଛି । ଥାନା ଅଧିକାରିଣୀ ସୁଚିତ୍ରା ପରିଡା ଏହା ଶୁଣି ସହଯୋଗର ପ୍ରତିଶ୍ରୁତି ଦେଇଥିଲେ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ । କମିଟି ଉପସଭାପତି ଦେବୀ ପ୍ରସାଦ ଦାସଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧିମଣ୍ଡଳୀରେ କୋଷାଧକ୍ଷ ଏମ୍ . ଲାବଣ୍ୟ ପାତ୍ର,କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, କାର୍ଯ୍ୟକାରୀ ସଦସ୍ୟ ସୁନୀଲ ପାତ୍ର, ବରୁଣ ଚୌଧୁରୀ, ଅଜିତ୍ ଘଡ଼େଇ ପ୍ରମୁଖ ସାମିଲ ଥିଲେ ।

# ପ୍ରଣବ ପଟ୍ଟନାୟକଙ୍କ ବିୟୋଗ ଆମ ସଙ୍ଗୀତ ଜଗତର ଏକ ଅପୂରଣୀୟ କ୍ଷତି : ବରିଷ୍ଠ କଳାକାର ମହାସଂଘ

ବ୍ରହ୍ମପୁର(ନି.ପ୍ର.) କଳା ଓ କଳାକାର ହିତୈଷୀ ମହାମଂଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ଏବଂ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ସୁବାରାଓ ଛକସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ କାର୍ଯ୍ୟାକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥିତଯଶା ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକ ଏବଂ କଲିକତା, ଇଷ୍ଟର୍ଣ୍ଣ ଜୋନାଲ କଲଚର ସେଂଟରର ଜନୈକ କର୍ମଚାରୀ ତଥା ବରିଷ୍ଠ ମଂଚ ଅଭିନେତା ଶମ୍ଭୁନାଥ ଦାସଙ୍କ ଦିବଂଗତ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା



କରାଯାଇଥିଲା । ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଜୟ ପାଢ଼ୀ, ନୃତ୍ୟ ନିର୍ଦ୍ଦେଶକ ବି. ପ୍ରସାଦ ରାଓ, ଗ୍ରାମୀଣ ନାଟ୍ୟ ନିର୍ଦ୍ଦେଶକ ଅଭିରାମ ରାଉଳ, କଳାପ୍ରାଣ କୈଳାସ ପାଣିଗ୍ରାହୀ, କଳା ଗୌରବ ମହେନ୍ଦ୍ର କୁମାର ସାହୁ, ବରିଷ୍ଠ କଳାକାର ହରିଶ୍ଚନ୍ଦ୍ର ବରଡ଼, ଅନିଲ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ସରୋଜ କୁମାର ପଣ୍ଡା, କେ. କାମରାଜୁ ପାତ୍ର, ବଳଦେବ ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ ପ୍ରମୁଖ ଦିବଂଗତ ପ୍ରତିଭାଧର ଦ୍ୱୟଙ୍କ କୃତିରାଜି ଉପରେ ସିଂହାବଲୋକନ ସହ ବାକ୍? ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ସହ ଦିବଂଗତ କଳାକାର ଦ୍ୱୟଙ୍କ ସଂକ୍ଷିପ୍ତ ପରିଚିତି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ ।

## ପୋଲ ନଥିବାରୁ ବିପଦପୁର୍ଣ୍ଣ ଭାବେ ଭରା ନାଳ ପାର ହେଉଛନ୍ତି ଗ୍ରାମବାସୀ

# ଅଘଟଣକୁ ଅପେକ୍ଷା କରିଛି ପ୍ରଶାସନ

ରାୟଗଡ଼ା (ନି.ପ୍ର) ପୋଲ ନଥିବାରୁ ବିପଦପୁର୍ଣ୍ଣ ଭାବେ ଭରା ନାଳ ପାର ହେଉଛନ୍ତି ଗ୍ରାମବାସୀ । ଅଘଟଣକୁ ଅପେକ୍ଷା କରିଛି ପ୍ରଶାସନ । ଲଗାଣ ବର୍ଷାରେ ଭରିଛି ନାଳ । ଆଉ ସେହି ଭରା ନାଳ ହିଁ ଏବେ ପଂଚପାଣ୍ଡବ ଗ୍ରାମବାସୀଙ୍କ ଯାତାୟାତର ଏକମାତ୍ର ଭରସା । ପ୍ରବଳ ଜଳସ୍ରୋତ ମଧ୍ୟରେ ମହିଳା, ଶିଶୁ, ବୃଦ୍ଧଙ୍କଠାରୁ ଆରମ୍ଭ କରି ଯୁବକମାନେ ମଧ ବିପଦସଂକୁଳ ଭାବେ ନାଳ ପାର ହେଉଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ନାଳ ଉପରେ ପୋଲ ନିର୍ମାଣ ହୋଇନଥିବାରୁ ଅସନ୍ତୋଷ ବଢ଼ିଛି ।ଏ ଦୃଶ୍ୟ ହେଉଛି ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ ପେଣ୍ଡିଲି ଗ୍ରାମପଂଚାୟତ ଅନ୍ତର୍ଗତ ପଂଚୁପାଣ୍ଡବ ଗାଁର । ଲଗାଣ ବର୍ଷା ପରେ ଗାଁ ନିକଟସ୍ଥ ନାଳରେ ବଢ଼ିଛି ଜଳ ପ୍ରବାହ । ହେଲେ ନାଳ ଉପରେ ନାହିଁ କୌଣସି ସ୍ଥାୟୀ ପୋଲ । ଫଳରେ ଭରା ନାଳ ମଧ୍ୟଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି ଗ୍ରାମବାସୀ । ଶୁକ୍ରବାର ରାତିଠାରୁ



ଲଗାଣ ବର୍ଷା ଯୋଗୁଁ ନାଳରେ ହଠାତ୍ ପାଣି ବଢ଼ିଯାଇଥିଲା । ବିଲରେ ରୁଆ ଓ ଡଙ୍ଗର କାମ ସାରି ଘରକୁ ଫେରୁଥିବା ଲୋକଙ୍କ ପାଇଁ ଆରମ୍ଭ ହୋଇଥିଲା ବିପଦର ଯାତ୍ରା । ପ୍ରବଳ ସ୍ରୋତ ମଧ୍ୟରେ ନାଳ ପାର ହେଉଥିଲେ ଗ୍ରାମବାସୀ । କେବଳ ଯୁବକ ନୁହନ୍ତି, ମହିଳା, ଛୋଟ ଶିଶୁ ଓ ବୃଦ୍ଧବୃଦ୍ଧାମାନେ ମଧ ଏହି ବିପଦସଂକୁଳ ରାସ୍ତା ଦେଇ ଯାତାୟାତ କରୁଛନ୍ତି । ବର୍ଷା ବଢ଼ିଲେ ନାଳରେ ପାଣି ଅଧିକ ହୋଇଯାଉଥିବାରୁ ସେତେବେଳେ ଗାଁବାସୀଙ୍କ ଚିନ୍ତା ଆହୁରି ବଢ଼ିଯାଏ । ଏହି ସମସ୍ୟା ନେଇ ଆମେ ବହୁବାର ପ୍ରଶାସନକୁ ଜଣାଇଛୁ । କିଛି ଦିନ ତଳେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ କରିଛନ୍ତି ଗ୍ରାମବାସି, ହେଲେ ଏପର୍ଯ୍ୟନ୍ତ ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ । ଗ୍ରାମବାସୀଙ୍କ କହିବା କଥା, ବର୍ଷାଦିନେ ଭରା ନାଳ ପାର ହେବା ଏବେ ନିତିଦିନିଆ ଘଟଣା ପାଲଟିଛି । ଜରୁରୀ ସମୟରେ ରୋଗୀ, ବୃଦ୍ଧ କିମ୍ବା ଗର୍ଭବତୀଙ୍କୁ ଗାଁରୁ ବାହାରକୁ ନେବା ମଧ କଷ୍ଟକର ହୋଇପଡୁଛି । ତେଣୁ ଯେକୌଣସି ସମୟରେ ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି । ଗ୍ରାମବାସୀଙ୍କ ଅଭିଯୋଗ ବହୁବାର ଦାବି ଓ ଅଭିଯୋଗ ପରେ ମଧ ନାଳ ଉପରେ ସ୍ଥାୟୀ ପୋଲ ନିର୍ମାଣ ହୋଇନାହିଁ । ଏନେଇ ଗୁଡାରି ବିଡିଓ ସୁଚିସ୍ମିତା ବେହେରାଙ୍କ ସହ ଯୋଗାଯୋଗ ହୋଇପାରିନାଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ ।

# ଗଛକଟାକୁ ନେଇ କଲେଜ ଅଧ୍ୟକ୍ଷଙ୍କୁ ତହସିଲଦାରଙ୍କ କାରଣ ଦର୍ଶାଅ ନୋଟିସ

ସୋର,(ନି.ପ୍ର.) ସୋର ବ୍ଲକ ଅନ୍ତର୍ଗତ ସାରସ୍ୱତ ମହାବିଦ୍ୟାଳୟ ଅନନ୍ତପୁର ପରିସରରେ ଥିବା ପ୍ରାୟ ୪୦ ବର୍ଷ ପୁରୁଣା ଦୁଇଟି ବଡ ଗଛକୁ ଗତ ୧୭ ତାରିଖ ଦିନ କଲେଜ କତୃପକ୍ଷଙ୍କ ଦ୍ୱାରା କଟା ଯାଇଥିଲା । ଏହି ଦୁଇଟି ବୃକ୍ଷ ଦଶନ୍ଧି ଦଶନ୍ଧି ଧରି ମହା ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ଆସ୍ଥା ସହିତ ଜଡିତ ଏକ ପ୍ରାକୃତିକ ସମ୍ପଦ ଥିଲା । ଗଛ କାଟିବା ନେଇ ଗତ ୨୧ ଅଗଷ୍ଟ ୨୦୨୬ ରିଖ ଦିନ କଲେଜ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ପରିବେଶବିତ୍ ?ମାନେ



ସୋର ତହସିଲଦାରଙ୍କ ମାଧ୍ୟମରେ ଉପ ଜିଲାପାଳଙ୍କୁ ତଦନ୍ତ ପାଇଁ ଏକ ଦରଖାସ୍ତ ପ୍ରଦାନ କରିଥିଲେ । ଦରଖାସ୍ତ ପାଇବା ପରେ ନିଜେ ସୋର ତହସିଲଦାର କୃଷ୍ଣ ମୋହନ ସିଂହ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ । ବିନା ଅନୁମତିରେ ମହାବିଦ୍ୟାଳୟ ପରିସରରେ ଥିବା ଦୁଇଟି ବହୁ ପୁରାତନ ବିରାଟକାୟ ଗଛକୁ କାଟିବା ନେଇ ଏକ କାରଣ ଦର୍ଶାଅ ଗତ ଅଗଷ୍ଟ ୨୪ ତାରିଖ ଦିନ ସୋର ତହସିଲଦାର କଲେଜ ଅଧ୍ୟକ୍ଷଙ୍କୁ ଦେଇଛନ୍ତି ଏବଂ ନୋଟିସ ପାଇବାର ୫ ଦିନ ମଧ୍ୟରେ ଉତର ରଖିବାକୁ ନିର୍ଦ୍ଦେଶ ରହିଛି ।





# ସଂସ୍କୃତ ଶ୍ଳୋକ ମାଧ୍ୟମରେ ସୁଖୀ ଜୀବନର ମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନ ଏକ ପ୍ରେରଣାଦାୟୀ ଉକ୍ତି ସେୟାର କରିଛନ୍ତି । ସେ ସଂସ୍କୃତ ଶ୍ଳୋକ ମାଧ୍ୟମରେ ଉତ୍ତମ ସଙ୍ଗ, ବିଦ୍ୱାନମାନଙ୍କ ସହିତ ଯୋଗାଯୋଗ ଏବଂ ନିଃସ୍ୱାର୍ଥପର ଲୋକଙ୍କ ସହିତ ବନ୍ଧୁତ୍ୱର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ଉତ୍ତମ: ସାହ ସଙ୍ଗତ୍ୟମ ପଣ୍ଡିତେ: ସାହ ସକ୍ଥମ୍' । ଆଲୁଭା: କୁର୍ୱାନୋ ନବସିଦାତୀଙ୍କ ସହ ବନ୍ଧୁତା । ଏହାର ଅର୍ଥ ହେଉଛି ଯେ ଜଣେ ବ୍ୟକ୍ତି ଯିଏ ଭଲ ଲୋକଙ୍କ ସଙ୍ଗ, ବିଦ୍ୱାନମାନଙ୍କ ସହିତ ଭଲ କଥାବାର୍ତ୍ତା ଏବଂ ନିଃସ୍ୱାର୍ଥପର ଏବଂ ନିଃସ୍ୱାର୍ଥପର ଲୋକଙ୍କ ସହିତ ବନ୍ଧୁତ୍ୱ ଉପଭୋଗ କରନ୍ତି, ସେ କଦାପି ଅସନ୍ତୁଷ୍ଟ ହୁଅନ୍ତି ନାହିଁ । ଗୋଟିଏ ଦିନ ପୂର୍ବରୁ ସୋମବାର ଦିନ, ପ୍ରଧାନମନ୍ତ୍ରୀ ଏକ୍ସ ଉପରେ ଉକ୍ତିକୁ ସେୟାର କରି ଲେଖିଥିଲେ, 'ସହାନୁଭୂତି ଆତ୍ମସମ୍ମାନକୁ ନେଇଥାଏ ଏବଂ ସନ୍ତୋଷ ପ୍ରକୃତ ସୁଖକୁ ନେଇଥାଏ ।' ଏହି ଭାବନା ସମାଜରେ ସହଯୋଗ ଏବଂ ସୌହାର୍ଦ୍ଦ୍ୟ ସୂତ୍ରକୁ ଆହୁରି ସୁଦୃଢ଼ କରିଥାଏ । ପ୍ରଧାନମନ୍ତ୍ରୀ ସଂସ୍କୃତ ଶ୍ଳୋକ 'କରୁଣାନମ୍ୟାନୋ ମନ ତୃଷ୍ଣା ଚା ପରିତୋଷା' କୁ ଉଦ୍ଧୃତ କରିଥିଲେ । ଉତାନେନ୍ ଜୟନ୍ତୀ ଏହି ବିତର୍କର ନିଷ୍ପତି ନେଇଥିଲେ ।

# ଆଗାମୀ ୭ ଦିନ ମଧ୍ୟରେ ରାଜ୍ୟର ବର୍ଷା ସମ୍ଭାବନା

ଭୁବନେଶ୍ୱର : ଆଗାମୀ ୭ ଦିନ ଅର୍ଥାତ୍ ୨୫ ତାରିଖ ସକାଳ ଠାରୁ ଆସନ୍ତା ସେପ୍ଟେମ୍ବର ୧ ତାରିଖ ସକାଳ ସୁଦ୍ଧା ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।








# ୫୩ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥରେ ICT-ସକ୍ଷମ, ସକ୍ରିୟ ପ୍ରଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ବହୁମୁଖୀ ପ୍ଲାଟଫର୍ମ, ପ୍ରଗତିର ୫୩ତମ ବୈଠକର ଅଧ୍ୟକ୍ଷତା କରିଥିଲେ । ବୈଠକ ସମୟରେ ପ୍ରଧାନମନ୍ତ୍ରୀ ରେଳ, ସଡ଼କ ଏବଂ ବିଦ୍ୟୁତ୍ କ୍ଷେତ୍ରର ଛଅଟି ପ୍ରମୁଖ ଭିତିଭୂମି ପ୍ରକଳ୍ପ ସମୀକ୍ଷା କରିଥିଲେ, ଯାହାର କ୍ରମାଗତ ମୂଲ୍ୟ ୩୦,୦୦୦ କୋଟିରୁ ଅଧିକ । ସଂଯୋଗୀକରଣକୁ ସୁଦୃଢ଼ କରିବା, ଶିଳ୍ପ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ସମର୍ଥନ କରିବା ଏବଂ ସାର୍ବଜନୀନ ସେବାକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା, ବିଶେଷ ଭାବରେ ସମୟସୀମା ପାଳନ, ଆନ୍ତଃ-ଏଜେନ୍ସି ସମନ୍ୱୟ, ପଡ଼ି ରହିଥିବା ସମସ୍ୟାର ସମାଧାନ ଏବଂ ତ୍ୱରିତ ସମାପ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଭିତିଭୂମି ପ୍ରକଳ୍ପଗୁଡ଼ିକରେ ବିଳମ୍ବ ମୂଲ୍ୟ ବୃଦ୍ଧି ବ୍ୟତୀତ ପରିଣାମ ଆଣିଥାଏ, କାରଣ ଏହା ନାଗରିକ, ବ୍ୟବସାୟ ଏବଂ ଅର୍ଥନୀତି ପାଇଁ ଉଦ୍ଦିଷ୍ଟ ଲାଭକୁ ମଧ୍ୟ ସ୍ଥଗିତ ରଖେ । ସେ କହିଥିଲେ ଯେ ଭିତିଭୂମି ପ୍ରକଳ୍ପଗୁଡ଼ିକୁ ପୃଥକ ଅଂଶ, ବିସ୍ତାର କିମ୍ବା ପ୍ୟାକେଜ ଭାବରେ ନୁହେଁ ବରଂ ଏକ ସମନ୍ୱିତ ସମଗ୍ର ଭାବରେ ଦେଖାଯିବା ଏବଂ ତଦାରଖ କରାଯିବା ଉଚିତ । ସେ ଉଲ୍ଲେଖ



କରିଥିଲେ ଯେ ବ୍ୟକ୍ତିଗତ ପ୍ୟାକେଜଗୁଡ଼ିକରେ ପ୍ରଗତି ଶେଷରେ ସମଗ୍ର ପ୍ରକଳ୍ପର ସମୟସୀମା ସମାପ୍ତି ଏବଂ କାର୍ଯ୍ୟକ୍ଷମତାରେ ପରିଣତ ହେବା ଉଚିତ । ତେଣୁ ମନ୍ତ୍ରଣାଳୟ ଏବଂ ରାଜ୍ୟଗୁଡ଼ିକୁ ଏକ ଶେଷ-ରୁ-ଶେଷ ପଦ୍ଧତି ଗ୍ରହଣ କରିବାକୁ ଏବଂ ସାମଗ୍ରିକ କମିଶନିଂ ଏବଂ ଲାଭ ପ୍ରଦାନରେ ବିଳମ୍ବ କରିପାରୁଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବାକୁ କୁହାଯାଇଥିଲା । ସେ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ସ୍ତରରେ ଅଧିକ ମାଲିକାନା ସହିତ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ସକ୍ରିୟ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଯେଉଁଠାରେ ସମ୍ଭବ, ବିଶେଷକରି ପ୍ରମୁଖ ପରିବହନ ଏବଂ ଭିତିଭୂମି ପ୍ରକଳ୍ପ ଯୋଜନା କରିବା ସମୟରେ ଭିତିଭୂମି ସେବା ପାଇଁ ସାଧାରଣ ଉପଯୋଗୀ କରିଡର ଅନୁସନ୍ଧାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଯୋଜନା ପର୍ଯ୍ୟାୟରେ ହିଁ ଏପରି ସମନ୍ୱିତ ପଦ୍ଧତି ପରୀକ୍ଷା କରିବାକୁ ମନ୍ତ୍ରଣାଳୟ ଏବଂ ରାଜ୍ୟଗୁଡ଼ିକୁ ଆହ୍ୱାନ କରିଥିଲେ, ସେମାନଙ୍କର ବୈଷୟିକ ଏବଂ ଆର୍ଥିକ ସମ୍ଭାବ୍ୟତାକୁ ଧ୍ୟାନରେ ରଖି । ପ୍ରଧାନମନ୍ତ୍ରୀ କହିଥିଲେ ଯେ କାର୍ଯ୍ୟାନ୍ୱୟନର ଗତି ସହିତ ଆପୋଷ ଗୁଣବତା ରହିବା ଆବଶ୍ୟକ । ସେ ମନ୍ତ୍ରଣାଳୟ, ରାଜ୍ୟ ଏବଂ କାର୍ଯ୍ୟାନ୍ୱୟନ ସଂସ୍ଥାଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଏବଂ ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣବତା ନିଶ୍ଚିତତା ଏବଂ ତଦାରଖକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ । ଡିଜିଟାଲ କୃଷି ମିଶନ ଅଧୀନରେ ଆଗ୍ରିଷ୍ଟ୍ୟାକ୍ ସମୀକ୍ଷା କରିବା ସମୟରେ, ପ୍ରଧାନମନ୍ତ୍ରୀ କୃଷି ତଥ୍ୟରୁ ଅଧିକ ମୂଲ୍ୟ ହାସଲ କରିବା ପାଇଁ କୃତ୍ରିମ ବୁଦ୍ଧିମତା ସମେତ ନୂତନତମ ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଡାଟା ଇକୋସିଷ୍ଟମକୁ କୃଷି ମୂଲ୍ୟ ଶୃଙ୍ଖଳରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯିବା ଉଚିତ, ଇନପୁଟ୍ ଯୋଜନା ଠାରୁ ପ୍ରକ୍ରିୟାକରଣ ପର୍ଯ୍ୟନ୍ତ, ଅଧିକ ସୂଚନାପ୍ରଦ ହସ୍ତକ୍ଷେପ, ଉତ୍ତମ ଲକ୍ଷ୍ୟକରଣ ଏବଂ ତଥ୍ୟ-ଚାଳିତ ନିଷ୍ପତି ଗ୍ରହଣ ସକ୍ଷମ କରିବା । ସେ ଆଗ୍ରିଷ୍ଟ୍ୟାକ୍ ଇକୋସିଷ୍ଟମ ନିର୍ମାଣରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଫଳାଫଳ ପ୍ରଦାନ କରିବା ପାଇଁ ଏହାର ବ୍ୟବହାରକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ । ଡିଜିଟାଲ ଗିରଫଦାରୀ ଘଟଣା ସମେତ ସାଇବର ଠକେଇ ମାମଲା ସମୀକ୍ଷା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଲିମ, ସଚେତନତା ଏବଂ ଶିକ୍ଷା ଉପରେ ନିରନ୍ତର ଧ୍ୟାନ ଦେଇ ପ୍ରତିରୋଧକୁ ସୁଦୃଢ଼ କରାଯିବା ଉଚିତ । ସେ ସାଧାରଣ ଠକେଇ କୌଶଳ, ଚେତାବନୀ ସଙ୍କେତ ଏବଂ ନିରାପଦ ଡିଜିଟାଲ୍ ଅଭ୍ୟାସ ସହିତ ପରିଚିତ କରିବା ପାଇଁ ନିରନ୍ତର ଏବଂ ଲକ୍ଷ୍ୟଭେଦୀ ଜନସଚେତନତା ଅଭିଯାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଲେ ଅନୁଗୁ ଶିବା ମାରୁତି ରେଡ୍ଡୀ



ଭୁବନେଶ୍ୱର : ଆଇପିଏସ ଅଧିକାରୀ ଅନୁଗୁ ଶିବା ମାରୁତି ରେଡ୍ଡୀ ମଙ୍ଗଳବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଏଡିସି (ଏଡ୍-ଡି-କ୍ୟାମ୍ପ) ଭାବେ ଯୋଗ ଦେଇଛନ୍ତି । ଲୋକ ଭବନରେ ଏକ ଔପଚାରିକ ସମାରୋହରେ ଶ୍ରୀ ରେଡ୍ଡୀଙ୍କୁ ନୂତନ ଦାୟିତ୍ୱରେ ରାଜ୍ୟପାଳ ସ୍ୱାଗତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା- ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ନୂତନ ପଦବୀ ଗ୍ରହଣ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ଜି. ଉଦୟଗିରିର ସବ୍-ଡିଭିଜନାଲ୍ ପୋଲିସ୍ ଅଫିସର୍ (ଏସଡିପିଓ) ଭାବେ କାର୍ଯ୍ୟରତ ଥିଲେ । ପୂର୍ବରୁ ରାଜ୍ୟପାଳଙ୍କ ପୋଲିସ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ଅଧିକାରୀ ଅନନ୍ୟା ଅଗ୍ରୱାଲଙ୍କ ସ୍ଥାନରେ ଶ୍ରୀ ରେଡ୍ଡୀ ଯୋଗ ଦେଇଛନ୍ତି । ଓଡ଼ିଶା ରାଜ୍ୟପାଳଙ୍କୁ ଦୁଇ ଜଣ ଏଡିସି ସହାୟତା କରିଥାନ୍ତି ଓ ଜଣେ ଭାରତୀୟ ନୌସେନାରୁ ଓ ଅନ୍ୟ ଜଣେ ଓଡ଼ିଶା ପୋଲିସରୁ । ବର୍ତ୍ତମାନ ଲେଫ୍ଟନାଣ୍ଟ ହର୍ଷିତ ଦେଓ ନୌସେନା ଏଡିସି ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ରେଡ୍ଡୀ ପୋଲିସ୍ ଏଡିସି ଭାବେ ଯୋଗ ଦେଇଛନ୍ତି । ଏଡିସି ରାଜ୍ୟପାଳଙ୍କ ଔପଚାରିକ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଉତ୍ସବ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ୍ ସମ୍ପର୍କୀୟ ଦାୟିତ୍ୱରେ ସହାୟତା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

# ଡିଆରଡିଓ ଦ୍ୱାରା ବିକଶିତ କ୍ଷେପଣାସ୍ତ୍ରର ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତରକୁ ମଞ୍ଜୁରୀ ଦେଲେ ପ୍ରତିରକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରତିରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟକୁ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓ ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଯୁକ୍ତିବିଦ୍ୟାକୁ ଦେଶ ମଧ୍ୟରେ ଉତ୍ପାଦନ କରିବା ପାଇଁ ଭାରତୀୟ ପ୍ରତିରକ୍ଷା ଉଦ୍ୟୋଗକୁ ହସ୍ତାନ୍ତର କରିବାକୁ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରଯୁକ୍ତି ହସ୍ତାନ୍ତରଣ ପ୍ରତିରକ୍ଷା କ୍ଷେତ୍ରରେ ଦେଶୀୟ ଶିଳ୍ପଗୁଡ଼ିକର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ଏହା ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା, ପ୍ରମାଣପତ୍ର ଏବଂ ନିୟାମକ ଆବଶ୍ୟକତା ପୂରଣ କରି ଘରୋଇ ଶିଳ୍ପଗୁଡ଼ିକ ସ୍ୱଦେଶୀ ଉତ୍ପାଦନ କରିବାକୁ ସକ୍ଷମ ହେବେ । ଏହି ପଦକ୍ଷେପ ଦ୍ୱାରା କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶକୁ ସଫଳତାର ସହିତ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ନିଆଯାଇପାରିବ । ଉନ୍ନତ ପ୍ରତିରକ୍ଷା ପ୍ରଣାଳୀର ବିକାଶ ଓ ଉତ୍ପାଦନ ପାଇଁ ଭାରତୀୟ ଶିଳ୍ପର କ୍ଷମତାକୁ ଉପଯୋଗ କରିବା ଲାଗି ଡିଆରଡିଓର ନିରନ୍ତର ପ୍ରୟାସକୁ ଏହା ପ୍ରତିଫଳିତ କରୁଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶୀୟ ଉତ୍ପାଦନ



କ୍ଷମତା ବୃଦ୍ଧି କରିବା, ପ୍ରତିରକ୍ଷା ଶିଳ୍ପ ଭିତିକୁ ଆହୁରି ସୁଦୃଢ଼ କରିବା ଏବଂ ଭାରତୀୟ ଏମଏସଏମଇ ଓ ଅନ୍ୟାନ୍ୟ ପ୍ରଯୁକ୍ତି ସହଯୋଗୀମାନଙ୍କୁ ଯୋଗାଣ ଶୃଙ୍ଖଳାରେ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଦେଶର ପ୍ରତିରକ୍ଷା କ୍ଷମତାକୁ ବଢ଼ାଇବା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା, ଦେଶରେ ମୂଲ୍ୟ ସଂଯୁକ୍ତି ବୃଦ୍ଧି କରିବା ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରର ବିକାଶକୁ ସମର୍ଥନ କରିବା । ଉନ୍ନତ ପ୍ରତିରକ୍ଷା ପ୍ରଯୁକ୍ତିର ହସ୍ତାନ୍ତରଣ ଓ ଏହାକୁ ଦେଶୀୟ ଶିଳ୍ପରେ ବ୍ୟବହାର କରିବା ପାଇଁ ଡିଆରଡିଓ ଭାରତୀୟ ଶିଳ୍ପ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ । ଏହା ଦ୍ୱାରା ଦେଶର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଆହୁରି ସୁଦୃଢ଼ କରାଯିବ ।

# ଦେଶବ୍ୟାପୀ ଋତୁକାଳୀନ ଇନଫ୍ଲୁଏଞ୍ଜା ସ୍ଥିତି ଉପରେ କେନ୍ଦ୍ର ସରକାରଙ୍କ କଡ଼ା ନଜର

ନୂଆଦିଲ୍ଲୀ : କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ , ସ୍ୱାସ୍ଥ୍ୟ ଗବେଷଣା ବିଭାଗ, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଏବଂ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ସହିତ ସମନ୍ୱୟ ରଖି, ଏକ ଦୃଢ଼ ପ୍ୟାନ୍-ଇଣ୍ଡିଆ ନିରୀକ୍ଷଣ ନେଟୱାର୍କ ମାଧ୍ୟମରେ ସାରା ଦେଶରେ ପ୍ରଚଳିତ ଋତୁକାଳୀନ ଶ୍ୱାସକ୍ରିୟା ରୋଗ ଧାରା ଉପରେ କଡ଼ା ନଜର ରଖିଛି । ନୂଆ ଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି, ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଏବଂ ICMR ମହାନିର୍ଦ୍ଦେଶକ ଡକ୍ଟର ରାଜୀବ ବହଲ କହିଛନ୍ତି ଯେ ବର୍ତ୍ତମାନର ଇନଫ୍ଲୁଏଞ୍ଜା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି ଏବଂ ଆତଙ୍କ କିମ୍ବା ଆଲାର୍ମର କୌଣସି କାରଣ ନାହିଁ । ଦେଶରେ ବର୍ତ୍ତମାନ



ପ୍ରସାରିତ ହେଉଥିବା ଇନଫ୍ଲୁଏଞ୍ଜା ଭାଇରସ୍ ସାମ୍ପ୍ରତିକ ବର୍ଷଗୁଡ଼ିକରେ ପରିଲକ୍ଷିତ ଋତୁକାଳୀନ ପ୍ୟାଟର୍ନ ସହିତ ସମାନ । ଡକ୍ଟର ବାହାଲ୍ ସୂଚନା ଦେଇଛନ୍ତି ଯେ ଏହି ବଂଶ ୨୦୨୫ ମସିହାରୁ ଭାରତରେ ନିରନ୍ତର ସଂଚାଳନରେ ରହିଛି । ପରିଲକ୍ଷିତ ଜେନେଟିକ୍ ପରିବର୍ତ୍ତନଗୁଡ଼ିକ ଋତୁକାଳୀନ ଇନଫ୍ଲୁଏଞ୍ଜା ଭାଇରସ୍ ରେ ଦେଖାଯାଉଥିବା ସାଧାରଣ ଆଂଟିଜେନିକ୍ ଡ୍ରିଫ୍ଟ ସହିତ ସମାନ । ଇନଫ୍ଲୁଏଞ୍ଜା ଭାଇରସ୍ ପରିକ୍ରମା କରିବା ସମୟରେ ଏପରି ଛୋଟ ଜେନେଟିକ୍ ପରିବର୍ତ୍ତନ ନିୟମିତ ଭାବରେ ଘଟେ ଏବଂ ନିଜେ, ଏକ ନୂତନ କିମ୍ବା ବିପଜ୍ଜନକ ଷ୍ଟ୍ରେନର ଆବିର୍ଭାବକୁ ସୂଚିତ କରେ ନାହିଁ । ଡକ୍ଟର ବାହାଲ ଗୁରୁତ୍ୱାରୋପ କରିଛନ୍ତି ଯେ ବର୍ତ୍ତମାନର ପର୍ଯ୍ୟବେକ୍ଷଣଗୁଡ଼ିକ ନୂତନ ଇନଫ୍ଲୁଏଞ୍ଜା ବିପଦର ଉଦଭାବକୁ ସୂଚିତ କରେ ନାହିଁ ଏବଂ ଋତୁକାଳୀନ ଇନଫ୍ଲୁଏଞ୍ଜା ଭାଇରସର ଆଶାକରା ଆଚରଣ ସହିତ ସୁସଙ୍ଗତ । ଇନଫ୍ଲୁଏଞ୍ଜା ଇ ସମେତ ଋତୁକାଳୀନ ଇନଫ୍ଲୁଏଞ୍ଜା, ମୁଖ୍ୟତଃ ସୁସ୍ଥ ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ମୃଦୁ ଏବଂ ସ୍ୱୟଂ-ସୀମିତ ଶ୍ୱାସକ୍ରିୟା ରୋଗ । ସାଧାରଣ ଲକ୍ଷଣଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ଜ୍ୱର, କାଶ, ଗଳା ଯନ୍ତ୍ରଣା, ମୁଣ୍ଡବିନ୍ଧା, ଶରୀର ଯନ୍ତ୍ରଣା, ଥକ୍କା ଏବଂ ଦୁର୍ବଳତା ।

# ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଷ୍ଟକହୋମରେ ବିଶ୍ୱ ଜଳ ସପ୍ତାହ ୨୦୨୬ରେ ଅଂଶଗ୍ରହଣ କରିଛି

ନୂଆଦିଲ୍ଲୀ : ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ସ୍ୱିଡେନର ଷ୍ଟକହୋମରେ ଅନୁଷ୍ଠିତ ବିଶ୍ୱ ଜଳ ସପ୍ତାହ ୨୦୨୬ ରେ ଅଂଶଗ୍ରହଣ କରିଛି, ଯାହା ସମ୍ପ୍ରଦାୟ ନେତୃତ୍ୱାଧୀନ ଗ୍ରାମୀଣ ବିକାଶ, ପ୍ରଯୁକ୍ତିବିଦ୍ୟା-ସକ୍ଷମ ଶାସନ ଏବଂ ପ୍ରାକୃତିକ ସମ୍ପଦର ସ୍ଥାୟୀ ପରିଚାଳନା ମାଧ୍ୟମରେ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି । ଜଳବାୟୁ-ସ୍ଥାପକ ଏବଂ ଅନ୍ତର୍ଭୁକ୍ତ ଜଳ ପରିଚାଳନାକୁ ଆଗକୁ ବଢ଼ାଇବାରେ ଭାରତର ଅଭିଜ୍ଞତା ବାଂଟିବା ଏବଂ ଆନ୍ତର୍ଜାତୀୟ ସର୍ବୋତ୍ତମ ଅଭ୍ୟାସରୁ ଶିଖିବା ପାଇଁ ବିଶ୍ୱ ଫୋରମ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପ୍ରଦାନ କରିଛି । ଷ୍ଟକହୋମ ଇଂଟରନ୍ୟାସନାଲ ୱାଟର ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆୟୋଜିତ ବିଶ୍ୱ ଜଳ ସପ୍ତାହ ହେଉଛି ଜଳ ଉପରେ ଆଲୋଚନା, ସହଯୋଗ ଏବଂ ନବସୃଜନ ପାଇଁ



ବିଶ୍ୱର ଏକ ପ୍ରମୁଖ ମଂଚ । ବାର୍ଷିକ କାର୍ଯ୍ୟକ୍ରମ ଉଦୀୟମାନ ଜଳ ଚ୍ୟାଲେଞ୍ଜ ଉପରେ ବିଚାର ବିମର୍ଶ କରିବା ଏବଂ ଜ୍ଞାନ, ଅଭିଜ୍ଞତା ଏବଂ ସମାଧାନ ବାଂଟିବା ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ସରକାର, ବିକାଶ ଅଂଶୀଦାର, ଗବେଷଣା ପ୍ରତିଷ୍ଠାନ ଏବଂ ଅଭ୍ୟାସକାରୀମାନଙ୍କୁ ଏକତ୍ରିତ କରେ । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ପ୍ରତିନିଧିତ୍ୱ କରି, ଯୁଗ୍ମ ସଚିବ ଶ୍ରୀମତୀ ରୋହିଣୀ ଆର. ଭାଜିଭାକ୍ରେ 'ଜଳ ସୁରକ୍ଷା ଉପରେ ଜାତୀୟ ପଦକ୍ଷେପ: ଜାତୀୟ ଜଳ ଦୃଷ୍ଟିକୁ ବାସ୍ତବତାରେ ପରିଣତ କରିବା: କ'ଣ କାର୍ଯ୍ୟ କରେ' ଶୀର୍ଷକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ ଏବଂ ତୃଣମୂଳ ସ୍ତରରେ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏହାର ଦୀର୍ଘକାଳୀନ ଜଳ ଦୃଷ୍ଟିକୁ ସାଂଗଠନିକ ଏବଂ କାର୍ଯ୍ୟକ୍ଷମ ପଦ୍ଧତିରେ ପରିଣତ କରିବାରେ ଭାରତର ଅଭିଜ୍ଞତା ବାଂଟିଥିଲେ । ଏହି ଅଧିବେଶନ ଡ୍ୟୁଚେ ଗେସେଲଶାଫ୍ଟ ଫର୍ ଇଂଟରନ୍ୟାସନାଲ୍ ଜୁସାମେନାର୍ବିଟ୍ GmbH ଏବଂ ଅନ୍ତର୍ଜାତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଦ୍ୱାରା ଆହୂତ ହୋଇଥିଲା । ଭାରତର ଆଭିମୁଖ୍ୟ ଉପରେ ଆଲୋକପାତ କରି, ଶ୍ରୀମତୀ ଭାଜିଭାକ୍ରେ କହିଥିଲେ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଜଳ ସୁରକ୍ଷା ଭାରତର ବିକାଶ ଯାତ୍ରାର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହୋଇଛି । ଭାରତର ଜଳ ଦୃଷ୍ଟିକୋଣ @2047, ଭିକ୍ସିତ୍ ଭାରତ @2047 ର ବ୍ୟାପକ ଦୃଷ୍ଟିକୋଣ ସହିତ ସଂଯୁକ୍ତ, ସମନ୍ୱିତ ଯୋଜନା, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ସାମୁଦାୟିକ ଅଂଶଗ୍ରହଣ ମାଧ୍ୟମରେ ସମସ୍ତ ନାଗରିକଙ୍କ ପାଇଁ ସ୍ଥିର, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଜଳ ସୁରକ୍ଷା ସୁନିଶ୍ଚିତ କରିବାକୁ ଚେଷ୍ଟା କରେ ।

# କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ସୂଚନା ଏବଂ ଜନସଂପର୍କ ସଚିବମାନଙ୍କ ସହିତ ଏମଆଇବି ଜାତୀୟ ସମ୍ମିଳନୀ ଆୟୋଜନ କରେ

ନୂଆଦିଲ୍ଲୀ : ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ସୂଚନା ଏବଂ ଲୋକସମ୍ପର୍କ ବିଭାଗର ସଚିବମାନଙ୍କ ସହିତ ଏକ ଜାତୀୟ ସମ୍ମିଳନୀ ଆୟୋଜନ କରିଥିଲା । ଏହି ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ବରିଷ୍ଠ ଅଧିକାରୀମାନେ ସୂଚନା, ପ୍ରସାରଣ, ଗଣମାଧ୍ୟମ ଏବଂ ସୃଜନଶୀଳ ଅର୍ଥନୀତି କ୍ଷେତ୍ରରେ ପ୍ରମୁଖ ପଦକ୍ଷେପ ଉପରେ ବିଚାରବିମର୍ଶ କରିବା ଏବଂ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଏକତ୍ରିତ ହୋଇଥିଲେ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଚଂଚଲ କୁମାର ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ ଏବଂ ଆଲୋଚନା ସମୟରେ ଅଂଶଗ୍ରହଣକାରୀ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ମାନ୍ୟବର




ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଉଲ୍ଲେଖ କରି, ଯାହା ଅଧୀନରେ ଭାରତର ନରମ ଶକ୍ତି ଏବଂ ସୃଜନଶୀଳ ଅର୍ଥନୀତିକୁ ଜାତୀୟ ପ୍ରଗତିର ସାତ ଧାରା ସପ୍ତଧାରା ମଧ୍ୟରେ ସ୍ଥାନିତ କରାଯାଇଛି, ସଚିବ ଭାରତର ବିଶାଳ ସୃଜନଶୀଳ ସମ୍ଭାବନାକୁ ଉପଯୋଗ କରିବା ଏବଂ ସାଧାରଣ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଅଧିକ ଦୃଢ଼ ଏବଂ ସଂରଚିତ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ସଂସ୍କୃତି, ସୃଜନଶୀଳତା ଏବଂ ବାଣିଜ୍ୟକୁ ଘେରି ରହିଥିବା ସୃଜନଶୀଳ ଅର୍ଥନୀତିରେ ନିଯୁକ୍ତି ସୃଷ୍ଟି, ନିବେଶ ଆକର୍ଷିତ କରିବା ଏବଂ ଭାରତର ବିଶ୍ୱ ପ୍ରଭାବକୁ ବୃଦ୍ଧି କରିବାର ସମ୍ଭାବନା ରହିଛି । ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ବିବିଧ ଶକ୍ତି ଉପରେ ଆଲୋକପାତ କରି ସଚିବ କହିଛନ୍ତି ଯେ ସୃଜନଶୀଳ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଗୋଟିଏ ମଡେଲ ହୋଇପାରିବ ନାହିଁ । ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ସାଂସ୍କୃତିକ ଶକ୍ତି, ସାଂସ୍ଥାଗତ କ୍ଷମତା ଏବଂ ଆଂଚଳିକ ପ୍ରତିଭାକୁ ଏହାର ସୃଜନଶୀଳ ସମ୍ଭାବନାକୁ ସାକାର କରିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ । ସେ କେନ୍ଦ୍ର-ରାଜ୍ୟ ସହଯୋଗ ବୃଦ୍ଧି ପାଇଁ କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ଆଲୋକପାତ କରିଥିଲେ, ଯେଉଁଥିରେ ଭିତିଭୂମି, ବ୍ୟବସାୟ କରିବାର ସହଜତା, କ୍ଷମତା ନିର୍ମାଣ, ଆଂଚଳିକ ବିଷୟବସ୍ତୁ ଏବଂ ସୃଜନଶୀଳ ପରିବେଶ ଅନ୍ତର୍ଭୁକ୍ତ ।

# ଆଫଗାନିସ୍ତାନ ବିପକ୍ଷ ସିରିଜରେ ଅଭିଷେକଙ୍କ ଜାଗାରେ ସଞ୍ଜୁ !

ନୂଆଦିଲ୍ଲୀ : ଆଗାମୀ ଅଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣାକୁ ନେଇ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଛି । ସମ୍ଭାବ୍ୟ ଦଳକୁ ନେଇ ସାମ୍ନାକୁ ଆସିଥିବା ରିପୋର୍ଟ ଅନୁଯାୟୀ, ଦଳରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ୱିକେଟକିପର-ବ୍ୟାଟର ସଞ୍ଜୁ ସାମସନଙ୍କୁ ପୁଣି ଥରେ ଦଳକୁ ଫେରି ପାରନ୍ତି । ଅନ୍ୟପଟେ, ନିକଟରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ଯୁବ ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କୁ ଟିମ୍ ମ୍ୟାନେଜମେଂଟ ବାହାରେ ରଖିବାକୁ ଚିନ୍ତା କରୁଥିବା କୁହାଯାଉଛି । ଏହାସହ ଅଭିଜ୍ଞ ଫାଷ୍ଟ ବୋଲର ଭୁବନେଶ୍ୱର କୁମାରଙ୍କୁ ନେଇ ସସ୍‌ପେନ୍ସ ଜାରି ରହିଛି, କାରଣ ଚୟନକର୍ତ୍ତାମାନେ ଯୁବ ଫାଷ୍ଟ ବୋଲରଙ୍କ ଉପରେ ଅଧିକ ଭରସା ଦେଖାଉଛନ୍ତି । ଅଫଗାନିସ୍ତାନ ସିରିଜ୍ ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ନିଜର ଦକ୍ଷତା ପ୍ରମାଣିତ କରିବାର ଏକ




ବଡ଼ ସୁଯୋଗ । ଚୟନ କମିଟି ଆଗାମୀ ବଡ଼ ପ୍ରତିଯୋଗିତାଗୁଡ଼ିକୁ ଦୃଷ୍ଟିରେ ରଖି ଦଳରେ ସନ୍ତୁଳନ ଆଣିବାକୁ ଚେଷ୍ଟା କରୁଛନ୍ତି । ବୋଲିଂ ବିଭାଗରେ ଯୁବ ପେସରମାନଙ୍କୁ ସୁଯୋଗ ମିଳିବା କାରଣରୁ ଭୁବନେଶ୍ୱର କୁମାରଙ୍କ ଦଳକୁ ଫେରିବା ବାଟ ବନ୍ଦ ଥିବା ପରି ମନେହେଉଛି । ତେବେ ଚୂଡ଼ାନ୍ତ ୧୫ ଜଣିଆ ଦଳ ଘୋଷଣା ହେବା ପରେ ହିଁ ସଞ୍ଜୁ ସାମସନଙ୍କ ଭୂମିକା ଏବଂ ଅଭିଷେକ ଶର୍ମାଙ୍କ ଭବିଷ୍ୟତ ସ୍ପଷ୍ଟ ହେବ । କ୍ରିକେଟ୍ ପ୍ରଶଂସକମାନେ ଏବେ ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ ର ଆନୁଷ୍ଠାନିକ ଘୋଷଣାକୁ ଚାହିଁ ରହିଛନ୍ତି ।ଭାରତୀୟ ପୁରୁଷ କ୍ରିକେଟ ଦଳ ସେପ୍ଟେମ୍ବରରେ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟି -୨୦ ସିରିଜ୍ ଖେଳିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**